## ସଂକ୍ଷେପରେ

### ଏଟିଏମ୍‌ରୁ ୪୦ ଲକ୍ଷ ଗାଏବ ଘଟଣା
## ମାଷ୍ଟରମାଇଣ୍ଡ ସମେତ ୨ ଗିରଫ

**ବ୍ରହ୍ମପୁର ଅଫିସ,୨୬।୯:** ସହରରେ ଥିବା ବିଭିନ୍ନ ଏଟିଏମ୍‌ରେ ଟଙ୍କା ଜମା କରିବା ପାଇଁ ଆଉଟ୍‌ସୋର୍ସିଂ ସଂସ୍ଥା ସିକ୍ୟୁର ଭାଲିର କେତେକ କର୍ମଚାରୀ ୪୦ ଲକ୍ଷ ଟଙ୍କା ଗାଏବ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ସଂସ୍ଥାର ୨ ଜଣ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କୋରାପୁଟ ଜିଲା ସେମିଳିଗୁଡା ମୂଳ ନିବାସୀ ତଥା ସଦର ଥାନା ବାପୁଜୀନଗରରେ ରହୁଥିବା ସୁକାନ୍ତ ବେହେରା ଓ ଅନ୍ୟଜଣେ ବାବୁଲା ବେହେରା ବୋଲି ଥାନାଧିକାରୀ ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ୪୦ ଲକ୍ଷ ଟଙ୍କା ଗାଏବ ଘଟଣାର ମାଷ୍ଟରମାଇଣ୍ଡ ହେଉଛନ୍ତି ସୁକାନ୍ତ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ପୋଲିସ ସେମାନଙ୍କଠାରୁ ଟଙ୍କା ଜବତ କରିପାରି ନ ଥିବା କହିଛି। ମାମଲା ନଂ. ୧୮୬/୧୯ରେ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ଘଟଣାରେ ସମ୍ପୃକ୍ତ ଥିବା ଭ୍ୟାନ ଡ୍ରାଇଭର ଓ ଗନମ୍ୟାନ ଏବେବି ଫେରାର ଥିବା ପୋଲିସ କହିଛି।
ଗଞ୍ଜାମ ଜିଲାର ବିଭିନ୍ନ ଏଟିଏମ୍‌ରେ ଟଙ୍କା ଜମା କରିବା ପାଇଁ ସିକ୍ୟୁରଭାଲି ସଂସ୍ଥା ଟେଣ୍ଡର ପାଇଛି। ସହରର ଏଟିଏମ୍‌ଗୁଡିକରେ ଟଙ୍କା ଜମା କରିବା ପାଇଁ ଗତ ୧୨ ତାରିଖରେ ସଂସ୍ଥାର ଉପରୋକ୍ତ ୨ କର୍ମଚାରୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖାରୁ ୪୦ ଲକ୍ଷ ଟଙ୍କା ଆଣିଥିଲେ। ପରେ ଉକ୍ତ ଟଙ୍କା ସଂସ୍ଥା ଭ୍ୟାନରେ ରଖାଯାଇଥିଲା। ଆସ୍କା ରୋଡ ଏସ୍‌ବିଆଇ ଏଟିଏମ୍ ଓ ମେଡିକାଲ କ୍ୟାମ୍ପସ ଏସ୍‌ବିଆଇ ଏଟିଏମ୍‌ରେ ଜମା କରାଯାଇଥିଲା। ହେଲେ ସେଥିରେ ଏହା ଜମା ହୋଇ ନ ଥିବା ଜଣାପଡ଼ିଥିଲା। ପରେ ସଂସ୍ଥା ଡେପୁଟି ମ୍ୟାନେଜର ତାପସ କୁମାର ମହାନ୍ତି ଏନେଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ପୋଖରୀରେ ମାଛ ମରି ଭାସୁଥିବା ଅଭିଯୋଗ

**କୋଦଳା,୨୬।୯(ଡି.ଏନ.ଏ.):** ଗଞ୍ଜାମ ଜିଲା କୋଦଳା ଦେୱାନ ପୋଖରୀ ଓ ଗାଁ ବଡ଼ ହଜରେ ଲକ୍ଷାଧିକ ଟଙ୍କାର ମାଛ ମରି ଭାସିବା ନେଇ ଗୁରୁବାର ଥାନାରେ ମାଛ ଚାଷୀମାନେ ଅଭିଯୋଗ କରିଛନ୍ତି । କୋଦଳା ଏନ୍‌ଏସି ଅଧୀନରେ ଥିବା ଦେୱାନ ପୋଖରୀକୁ ୧ ଲକ୍ଷ ୪୪ ହଜାର ଟଙ୍କାରେ ସ୍ଥାନୀୟ ନିରଞ୍ଜନ ବେହେରା ଓ ଗାଁ ବଡ଼ହଜକୁ ୨ ଲକ୍ଷ ୩୧ ହଜାର ଟଙ୍କାରେ ବି.ନୂଆପଲ୍ଲୀ ଗ୍ରାମର ଗୋଲଖ ପରିଡ଼ାଙ୍କୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ଦୁଇଟି ପୋଖରୀରେ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାଷୀଦ୍ୱୟ ମାଛଚାଷ କରିଥିଲେ। କିନ୍ତୁ ଗତ ମଙ୍ଗଳବାର ଉକ୍ତ ପୋଖରୀରେ ମାଛ ମରି ଭାସୁଥିବା ଦେଖିବାକୁ ମିଳିଥିଲା । ଏନେଇ ଥାନା ଏସ୍‌ଆଇ ଅନିଲ କୁମାର ସାହୁ କହିଛନ୍ତି, ଅଭିଯୋଗ ସତ। କିନ୍ତୁ ଥାନାଧିକାରୀ ନାହାନ୍ତି। ସେ ଆସିବା ପରେ ପଦକ୍ଷେପ ନିଆଯିବ ।

### ବିଜୁଳି କର୍ମଚାରୀ ସଂଘର ଦାବି
# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଦିଆଯାଉ ସ୍ଥାୟୀ ନିଯୁକ୍ତି

**ବ୍ରହ୍ମପୁର ଅଫିସ,୨୬।୯**

- ସାଉଥ୍‌କୋର ଉପଭୋକ୍ତା ୨୦ ଲକ୍ଷ
- କର୍ମଚାରୀ ସଂଖ୍ୟା ୫ ହଜାର
- ମାସେ ବ୍ୟାପୀ ଚାଲିଥିବା ଗଣଧାରଣା ସ୍ଥଗିତ

ଦକ୍ଷିଣାଞ୍ଚଳ ବିଦ୍ୟୁତ ପରିବର୍ଣ୍ଣନ ସଂସ୍ଥା ସାଉଥ୍‌କୋର ଉପଭୋକ୍ତା ସଂଖ୍ୟା ୨୦ ଲକ୍ଷ ଟପିଥିବା ବେଳେ କର୍ମଚାରୀ ସଂଖ୍ୟା ୫ ହଜାର ମଧ୍ୟରେ ସୀମିତ ରହିଛି । ତେଣୁ ସମସ୍ୟା ବଢ଼ି ଚାଲିଛି ଏବଂ ସମାଧାନ ଦିଗରେ ଆଖି ବୁଜି ଦିଆଯାଇଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷରୁ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି (ଇନ୍‌ସୋର୍ସ) ଦାବି ପ୍ରତି କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସାଉଥ୍‌କୋର ବ୍ରହ୍ମପୁରସ୍ଥ କର୍ପୋରେଟ ଅଫିସ ଆଗରେ ମାସେ ବ୍ୟାପୀ ଚାଲିଥିବା ଗଣଧାରଣା ସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅସନ୍ତୋଷ ବଢ଼ିଛି ।
ଆନ୍ଦୋଳନସ୍ଥଳରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସାଧାରଣ ସମ୍ପାଦକ ଓ କାର୍ଯ୍ୟକାରୀ ସଭାପତି ଯଥାକ୍ରମେ କାଳୁ ଚରଣ ସାହୁ ଓ ପଞ୍ଚାନନ ଜେନା କହିଛନ୍ତି, ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ମଧ୍ୟରୁ ପର୍ଯ୍ୟାୟକ୍ରମେ ୨୦୦ ଜଣ ଲେଖାଏ ସ୍ଥାୟୀ ନିଯୁକ୍ତି ପାଇବା ସାଉଥ୍‌କୋ କର୍ତ୍ତୃପକ୍ଷ ୨୦୧୮ ଫେବୃୟାରୀ ୧୧ରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଇତି ମଧ୍ୟରେ ଦେଢ଼ ବର୍ଷ ବିତିଛି ଏବଂ ପ୍ରତିଶ୍ରୁତି ପୂରଣ ହୋଇନାହିଁ । ତେଣୁ ଅଗଷ୍ଟ ୨୮ରୁ ସଂଘ ପୁଣି ଗଣଧାରଣା ଦେଇଥିଲା। ତଥାପି ସମସ୍ୟାର ସମାଧାନ କରାଯାଇ ନ ଥିବା କୁହାଯାଇଛି। ପୂଜାକୁ ଦୃଷ୍ଟିରେ ରଖି ଗଣଧାରଣା ଗୁରୁବାରଠାରୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ସମୟରେ ପୁନର୍ବାର ଆନ୍ଦୋଳନକୁ ଜୋରଦାର କରାଯିବାର ସଂଘ ନେତାମାନେ ସୂଚାଇଛନ୍ତି।


ଖବରଦାତା ସମ୍ମିଳନୀରେ ବିଜୁଳି କର୍ମଚାରୀ ସଂଘ ନେତା ।

ଅପରପକ୍ଷରେ ବିଦ୍ୟୁତ୍ ବିଲ (ଶୁଳ୍କ) ଆଦାୟ କରାଯାଉଥିବା କାଉଣ୍ଟରରେ ନିୟୋଜିତ କର୍ମଚାରୀମାନଙ୍କୁ ୩ ମାସର ଦରମା ମିଳି ନ ଥିବା ସଂଘ ଆଉ ଏକ ଅଭିଯୋଗ କରିଛି। ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଆବଶ୍ୟକ ମୁତାବକ କର୍ମଚାରୀ ନିୟୋଜିତ କରାଯିବା, ଭିତ୍ତିଭୂମି ବିକାଶ ଏବଂ ଗ୍ରାହକଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇବାକୁ ବିଜୁଳି କର୍ମଚାରୀ ସଂଘ ଗୁରୁତ୍ୱ ଦେଇଛି। ସାଉଥ୍‌କୋରେ ହୋଇଥିବା ଅବ୍ୟବସ୍ଥା ଏବଂ ବିଭିନ୍ନ ଭାବରେ ଚାଲିଥିବା ଆର୍ଥିକ ହେରଫେରର ତଦନ୍ତ ପାଇଁ ମଧ୍ୟ ଦାବି କରାଯାଇଛି । ଖବରଦାତା ସମ୍ମିଳନୀରେ ସହ ସମ୍ପାଦକ ୟୁ. ନିରଞ୍ଜନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଅଧ୍ୟାପିକାଙ୍କୁ ବ୍ଲାକ୍‌ମେଲିଂ ମହଙ୍ଗା ପଡ଼ିଲା
# ଜେଲ ଗଲେ ବିଜ୍ଞାନ ଶିକ୍ଷକ

**ବ୍ରହ୍ମପୁର ଅଫିସ,୨୬।୯**

ଜଣେ ଛାତ୍ରୀଙ୍କୁ ଭଲ ପାଇବା ପରେ ସେ ଅଧ୍ୟାପିକା ହୋଇଥିବା ବେଳେ ତାଙ୍କୁ ଏକ ତରଫା ପ୍ରେମ କରି ଅଲଗା ନାଁରେ ବ୍ଲାକମେଲିଂ କରିବା ଜଣେ ବିଜ୍ଞାନ ଶିକ୍ଷକଙ୍କ ପାଇଁ ମହଙ୍ଗା ହୋଇଛି। ଅଧ୍ୟାପିକାଙ୍କ ଅଭିଯୋଗ କ୍ରମେ ଗୋଷାଣୀନୂଆଗାଁ ପୋଲିସ ଅଭିଯୁକ୍ତ ଶିକ୍ଷକ ପ୍ରିୟ ରଞ୍ଜନ ମିଶ୍ରଙ୍କୁ ମାମଲା ନଂ. ୯୫/୧୯ ରେ ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି।
ପ୍ରକାଶ ଯେ, ପ୍ରିୟ ଏକ ସରକାରୀ ସ୍କୁଲରେ ବିଜ୍ଞାନ ଶିକ୍ଷକ ଅଟନ୍ତି। ସେ ଜଣେ ଛାତ୍ରୀଙ୍କୁ ଏକତରଫା ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ଛାତ୍ରୀ ଜଣଙ୍କ ଅଧ୍ୟାପିକା ହୋଇଥିଲେ। ପ୍ରିୟ ତାଙ୍କୁ ଅଲଗା ନାଁରେ ବ୍ଲାକମେଲିଂ କରିଥିଲେ। ଅଧ୍ୟାପିକା ଜଣଙ୍କ ପୂର୍ବରୁ ତାଙ୍କୁ ପଢାଉଥିବା ଶିକ୍ଷକ ପ୍ରିୟରଞ୍ଜନଙ୍କୁ ଏକଥା ଜଣାଇବା ସହ ସାହାଯ୍ୟ କରିବାକୁ କହିଥିଲେ। ଶେଷରେ ପ୍ରିୟ ସାହାଯ୍ୟ କରିବା ବାହାନାରେ ତାଙ୍କ ସହ କେତେକ ଫଟୋ ଉଠାଇଥିଲେ। ପରେ ଫଟୋଗୁଡିକ ଆପତ୍ତିଜନକ


ଗିରଫ ଶିକ୍ଷକ ।

ଭାବେ ପ୍ରସ୍ତୁତକରି ଅଧ୍ୟାପିକାଙ୍କୁ ଦେଖାଇଥିଲେ। ଅଧ୍ୟାପିକାଙ୍କର ଅନ୍ୟତ୍ର ବାହାଘର ହୋଇଥିଲା। ଏଥିରେ କ୍ରୋଧିତ ହୋଇ ପ୍ରିୟ ପୂର୍ବରୁ ଉଠାଇ ଥିବା ଫଟୋଗୁଡିକୁ ଭାଇରାଲ କରିଥିଲେ। ଏପରିକି ଅଧ୍ୟାପିକାଙ୍କ ନାମରେ ଏକ ଜାଲ ଫେସ୍‌ବୁକ ଆକାଉଣ୍ଟ ଖୋଲି ଆପତ୍ତିଜନକ ଫଟୋଗୁଡିକ ପୋଷ୍ଟ କରିଥିଲେ। ଏତିକିରେ ଶିକ୍ଷକଙ୍କ ମନ ବୁଝି ନ ଥିଲା। ଶେଷରେ ଅଧ୍ୟାପିକା ଯାଉଥିବା କଲେଜ କାନ୍ଥରେ ଫଟୋଗୁଡିକ ପୋଷ୍ଟର କରି ମାରିଥିଲେ। ଫଳରେ ଅଧ୍ୟାପିକାଜଣଙ୍କ ବୁଧବାର ଏନେଇ ଗୋଷାଣୀନୂଆଗାଁ ଥାନାରେ ଏତଲା ଦେଇଥିଲେ ବୋଲି ଥାନାଧିକାରୀ ସୁମିତ ସୋରେନ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୬।୯**

ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗୀତାକୁ ପ୍ରଧାନ ଶିକ୍ଷୟିତ୍ରୀ କେ. ସୁଜାତା କୁମାରୀ ସୁବୁଦ୍ଧି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବ୍ଲକସ୍ତରରେ ଅନୁଷ୍ଠିତ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତାରେ ଉଭୟ ସରକାରୀ, ବେସରକାରୀ ଇଂଲିଶ ଏବଂ ଓଡିଆ ମାଧ୍ୟମ ବିଦ୍ୟାଳୟର ପ୍ରାୟ ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗ ବକ୍ତୃତାରେ ତନିଶା ରାଉତ, କୁଇଜ୍‌ରେ ରୁଦ୍ର ପ୍ରସାଦ ସାହୁ, ଚିତ୍ରାଙ୍କନରେ ଭବଭାଗ୍ୟଶ୍ରୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗ ବକ୍ତୃତାରେ କିରଣ ପଣ୍ଡା, କୁଇଜ୍‌ରେ ଶ୍ରଦ୍ଧା ସୁମନ ପାତ୍ର, ଚିତ୍ରାଙ୍କନରେ ଭି. ହିତେନ କୁମାର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କୃତୀ ପ୍ରତିଯୋଗୀମାନେ ଶୁକ୍ରବାର ସିଟି ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷାଧିକାରୀ ଡ. ମହାପାତ୍ର ସୂଚାଇଥିଲେ । ବିଦ୍ୟାଳୟର ଶିକ୍ଷକ କେଦାରନାଥ ଚୌଧୁରୀ, ପ୍ରମୋଦ କୁମାର ପଣ୍ଡା ଓ ସିଆରସିସି ତାରା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ଜୟସେନ ପ୍ରଧାନ, ମମତା ପାଣିଗ୍ରାହୀ, କୀର୍ତ୍ତିଶ୍ରୀ ଦାଶ, ଲୋକନାଥ ସାହୁ, ପରମେଶ୍ୱର ପାଣିଗ୍ରାହୀ ଓ ଗୌରୀହର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

**ବେଗୁନିଆପଡ଼ା,୨୬।୯(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଜନତା ନୋଡ଼ାଲ ହାଇସ୍କୁଲରେ ଗୁରୁବାର ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା ଓ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେ. ଭୀମରାଜୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳା କାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ମିଶ୍ର, ସୁଷମା ଶବର, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୨ କ୍ଲଷ୍ଟରରୁ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇ ଗାନ୍ଧିଜୀଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ଅବଦାନ, ଦେଶ ପ୍ରତି ଦେଇଥିବା ଉପଦେଶ ଉପରେ ପ୍ରବନ୍ଧ ଓ ବକ୍ତୃତା ପ୍ରଦାନ କରିଥିବା ବେଳେ ଗାନ୍ଧିଜୀଙ୍କ ବିଭିନ୍ନ ମଡେଲର ଚିତ୍ରାଙ୍କନ କରିଥିଲେ। ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟକ ବିଭାଗ ଓ ବିଷୟରେ ଭାଗ ନେଇ ଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ଗୋରୁ ଚୋରି ଅଭିଯୋଗ, ୨ ଗିରଫ

**ବ୍ରହ୍ମପୁର ଅଫିସ,୨୬।୯**

ସଦର ଥାନା ପୋଲିସ ୨ ଜଣ ଗାଈ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜିପୁର କାଲୁଆ ସାହିର ବି.ଭେଙ୍କେଟ ରାଓ ଓ ବିଜିପୁର ସାନ ବାଉରୀ ସାହିର ବାବୁଲା ଦାସ । ମାମଲା ନଂ.୨୪୭/୧୯ରେ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ପେଷାଦାର ଗାଈ ଚୋର ହୋଇଥିବା ବେଳେ ପୋଲିସ ସେମାନେ ଚୋରାଇ ନେଇଯାଉଥିବା ଗାଈ ଉଦ୍ଧାର କରିଥିବା କହିଛି। ବୁଧବାର ବ୍ରଜନଗର ୩ୟ ଲେନ୍‌ରେ ରହୁଥିବା ରାମ ଚନ୍ଦ୍ର ବେହେରାଙ୍କ ଗୁହାଳରୁ ଗାଈ ଚୋରି ହୋଇଯାଇଥିଲା। ଏନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ।

### ବାଇକ୍ ଡିକିରୁ ସୁନା ଗାଏବ ଘଟଣା
# ମିଳୁନି ସୁରାକ, ଚିନ୍ତାରେ ପୋଲିସ

**ବ୍ରହ୍ମପୁର ଅଫିସ,୨୬।୯**

ସହରରେ ଏବେ ଚୋର, ଲୁଟେରାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ କିଛି ମାସ ମଧ୍ୟରେ ଟାଉନ ଥାନା ଇଲାକାରେ ଦୁର୍ବୃତ୍ତମାନେ ପୃଥକ୍ ଭାବେ ବାଇକ୍ ଡିକିରୁ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରିକରି ନେବାରେ ସଫଳ ହୋଇଛନ୍ତି। ଗୋଟିଏ ପଟେ ଏ ଦିଗରେ ପୋଲିସକୁ ସଫଳତା ମିଳୁ ନ ଥିବା ବେଳେ ସଚେତନତା ଅଭାବରୁ ଲୋକେ ସୁନା ଅଳଙ୍କାର କିଣି ସୁରକ୍ଷିତ ଭାବି ବାଇକ୍ ଡିକିରେ ରଖୁଛନ୍ତି। ଯାହାର ଫାଇଦା ଉଠାଉଛନ୍ତି ଲୁଟେରା । ଏଭଳି ଅନେକ ଘଟଣା ଘଟିଥିଲେ ମଧ୍ୟ ଚୋର ଗ୍ୟାଙ୍ଗର ସୁରାକ ପୋଲିସକୁ ମିଳୁପାରୁନାହିଁ। ଫଳରେ ପୋଲିସର ଚିନ୍ତା ଏବେ ବଢିଯାଇଛି।
ସୂଚନାଯୋଗ୍ୟ, ଏଭଳି ଏକ ଘଟଣା ପୁଣି ଥରେ ଟାଉନ ଥାନା ଅନ୍ତର୍ଗତ ମୟୂରୀ ଟାୱାର ସମ୍ମୁଖ ଗାଡି ପାର୍କିଂ ସ୍ଥାନରେ ଘଟିଛି। ଗାଡି ଡିକିରୁ ଚୋର ଗ୍ୟାଙ୍ଗ ସୋମବାର ରାତିରେ ସୁନା ନେଇଯାଇଥିବା ଥାନାରେ ଲୋକନାଥ ନାୟକ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୫୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।
ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ଲୋକନାଥ ନାୟକ ସ୍ତ୍ରୀଙ୍କ ସହ ବ୍ରହ୍ମପୁର ଆସିଥିଲେ। ବଡବଜାରରେ ଥିବା ଏକ ଦୋକାନରୁ ଭରିଏ ସୁନା କିଣି ତାକୁ ବାଇକ୍ ଡିକିରେ ରଖି ମୟୂରୀ ଟାୱାରରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ଯାଇଥିଲେ। ଗାଡି କମ୍ପ୍ଲେକ୍ସ ସମ୍ମୁଖରେ ଥିବା ପାର୍କିଂରେ ରଖି ଯାଇଥିଲେ। କିଛି ସମୟ ପରେ ସେ ଗାଡି ପାଖକୁ ଫେରି ଥିଲେ। ଡିକି ଖୋଲା ହୋଇଥିବା ବେଳେ ତା ଭିତରେ ଥିବା ସୁନା ନ ଥିବା ଦେଖିଥିଲେ। ପରେ ସେ ଏନେଇ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କମ୍ପ୍ଲେକ୍ସରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରିଥିବା କହିଛି।
ସୂଚନାଯୋଗ୍ୟ, ଜୁଲାଇ ୨୫ ତାରିଖ ରାତିରେ ବିଜିପୁର ଅଞ୍ଚଳର ଏସ୍.ରାମକୃଷ୍ଣ ପାତ୍ର ସୁନା ଦୋକାନରୁ ୧୨୬ ଗ୍ରାମର ଅଳଙ୍କାର କିଣିଥିଲେ। ସେ ସମସ୍ତ ଅଳଙ୍କାର, ମୋବାଇଲ ଫୋନ ଓ ୪ ହଜାର ଟଙ୍କା ବାଇକ୍ ଡିକିରେ ରଖି ଗିରିମାର୍କେଟ ଆସିଥିଲେ। ବାଇକ୍‌ଟିକୁ ଉତ୍କଳ ଫ୍ଲାଇ ହାଉସ ନିକଟ ପାର୍କିଂରେ ରଖି ଘର ପାଇଁ ଏକ କଡେଇ କିଣିବାକୁ ରାମକୃଷ୍ଣ ଓ ତାଙ୍କ ସ୍ତ୍ରୀ ଯାଇଥିଲେ। କଡେଇ କିଣି ସାରି ବାଇକ୍ ନିକଟକୁ ଆସି ଦେଖିଲା ବେଳକୁ ଡିକି ଖୋଲାଥିଲା । ସେଥିରେ ଥିବା ସମସ୍ତ ଅଳଙ୍କାର, ଟଙ୍କା ଓ ମୋବାଇଲ ଫୋନ ନ ଥିଲା। ଅଭିଯୋଗ ପରେ ପୋଲିସ ନଂ.୧୪୭/୧୯ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସକୁ ସଫଳତା ମିଳି ନ ଥିବା ବେଳେ ପୁଣି ଏଭଳି ଆଉ ଏକ ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଚୋର ଗ୍ୟାଙ୍ଗ ବଡବଜାର ଅଞ୍ଚଳରେ ଥିବା ସୁନା ଦୋକାନ ନିକଟରେ ଘୂରି ବୁଲିବା ସହ ଗ୍ରାହକଙ୍କୁ ଟାର୍ଗେଟ କରୁଥିବା ପୋଲିସ ସନ୍ଦେହ କରୁଛି।

### ସର୍ବଭାରତୀୟ ଭାରୋତ୍ତୋଳନ
# ଶକ୍ତି ଉତ୍ତୋଳନ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୨୬।୯**

**ଯୋଗଦେଲେ ୧୮ ରାଜ୍ୟର ୧୩୦ ପ୍ରତିଯୋଗୀ**

ଭାରତୀୟ ଡାକ ବିଭାଗ ପକ୍ଷରୁ ଆୟୋଜିତ ୩୫ତମ ସର୍ବଭାରତୀୟ ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ୪ ଦିନ ଧରି ଚାଲିବାକୁ ଥିବା ପ୍ରତିଯୋଗିତାକୁ ନୂଆଦିଲ୍ଲୀ ଡାକସେବା ବୋର୍ଡ ସଦସ୍ୟ ପ୍ରଦୀପ୍ତ କୁମାର ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଡାକପାଳ ଡ. ସନ୍ତୋଷ କୁମାର କାମିଲା, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଡାକଲେଖା ନିର୍ଦ୍ଦେଶକ ପି.କେ. ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ୧୮ ରାଜ୍ୟରୁ ୧୩୦ ପ୍ରତିଯୋଗୀ ଭାଗ ନେଇଥିଲେ । ବ୍ରହ୍ମପୁର ମଣ୍ଡଳ ମହାଡାକପାଳ କଲୋନେଲ ଜଲେଶ୍ୱର କହଁର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଏକ ସ୍ୱତନ୍ତ୍ର ଲଫାପା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏଥିସହ ଏକ ଡାକଟିକଟ ପ୍ରଦର୍ଶନୀକୁ ମଧ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ସେଫିଆ ଫିଲାଟେଲେଷ୍ଟ ସୋସାଇଟିର ୧୧ ସଂଗ୍ରାହକଙ୍କ ଦ୍ୱାରା ବିଭିନ୍ନ ଡାକଟିକଟ ପ୍ରଦର୍ଶିତ ହୋଇଥିଲା। ଡାକସେବା ମୁଖ୍ୟାଳୟ ନିର୍ଦ୍ଦେଶକ ଜି. ଗୁରୁନାଥନ ଧନ୍ୟବାଦ ଦେଇଥିଲେ । ପ୍ରଥମ ଦିନରେ ୧୦ ବର୍ଗର ଭାରୋତ୍ତୋଳନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ।



ଜଣେ ପ୍ରତିଯୋଗୀ ଭାରୋତ୍ତୋଳନ କରୁଛନ୍ତି ।

### ଦକ୍ଷତା ବିକାଶ ମନ୍ତ୍ରୀଙ୍କ ବ୍ରହ୍ମପୁର ଆଇଟିଆଇ ପରିଦର୍ଶନ
# ଆଇଟିଆଇ ହେବ ଦେଶର ରୋଲ୍‌ମଡେଲ

**ବ୍ରହ୍ମପୁର ଅଫିସ,୨୬।୯**

ବ୍ରହ୍ମପୁର ସରକାରୀ ଆଇଟିଆଇ ଦକ୍ଷତା ବିକାଶ କୌଶଳ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଆଇଟିଆଇ ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗୌରବ । ଆଗାମୀ ଦିନରେ ଏହାକୁ ଦେଶର ଏକ ରୋଲମଡେଲ ଭାବେ ଗଣାଯିବ ବୋଲି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି । ବ୍ରହ୍ମପୁର ସରକାରୀ ଆଇଟିଆଇକୁ ଦିନିକିଆ ପରିଦର୍ଶନରେ ଆସି ମନ୍ତ୍ରୀ ନାୟକ ଏପରି ବକ୍ତବ୍ୟ ରଖିଛନ୍ତି । ଏଥିସହ ଆଇଟିଆଇରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଦକ୍ଷତାର ଅଧିକ ବିକାଶ ଓ ଅନ୍ୟ ଆଇଟିଆଇ ପାଇଁ ଉଦାହରଣ ସୃଷ୍ଟି ପାଇଁ ଅନୁଷ୍ଠାନ ପରିସରରେ ବୃହଦାକାୟ ଓପନ ଏୟାର ସ୍କ୍ରାପ୍ ମ୍ୟୁଜିୟମ ନିର୍ମାଣ ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ନାୟକ ଅନୁଷ୍ଠାନର ବିଭିନ୍ନ ଟ୍ରେଡ ପରିଦର୍ଶନ କରିବା ସହ


ମନ୍ତ୍ରୀ ବିଭିନ୍ନ ଟ୍ରେଡ ବୁଲି ଦେଖୁଛନ୍ତି ।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନା କରିଥିଲେ। ସ୍କ୍ରାପ୍ ମ୍ୟୁଜିୟମରେ ପ୍ରଦର୍ଶିତ ଅଟୋମୋବାଇଲ ଆବର୍ଜନାରେ ପ୍ରସ୍ତୁତ ମଡେଲ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ପେଡିଏଟର, ମାଛ, ଜିରାଫ, ଗିଟାର ପ୍ରଭୃତି ସ୍କ୍ରାପ୍ ମଡେଲ ବୁଲି ଦେଖିଥିଲେ । ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀଙ୍କ

**ନିର୍ମାଣ ହେବ ଓପନ ଏୟାର ସ୍କ୍ରାପ୍ ମ୍ୟୁଜିୟମ**

ସହ ଆଲୋଚନା କରିଥିଲେ । ଗତ ୩ ବର୍ଷ ମଧ୍ୟରେ ଆଇଟିଆଇର ସିଟ ସଂଖ୍ୟାରେ ବୃଦ୍ଧି ହୋଇଥିବା ବେଳେ ସମସ୍ତ ୨୬ ଟ୍ରେଡରେ ଶତପ୍ରତିଶତ ସିଟ ପୂରଣ ହେଉଛି। ଏଥିସହ ବର୍ତ୍ତମାନ ବିଭିନ୍ନ ଟ୍ରେଡରେ ୧୬.୭ ପ୍ରତିଶତ ଛାତ୍ରୀ ଅଧ୍ୟୟନ କରୁଥିବା ଅଧ୍ୟକ୍ଷ ସୂଚାଇଥିଲେ। ଆଇଟିଆଇକୁ ଗତ ୩ ବର୍ଷ ମଧ୍ୟରେ ମିଳିଥିବା ବିଭିନ୍ନ ରାଜ୍ୟ, ଜାତୀୟସ୍ତରୀୟ ପୁରସ୍କାର ଓ ସମ୍ମାନ ଉପରେ ଆଲୋଚନା ବେଳେ ମନ୍ତ୍ରୀଙ୍କୁ ଅଧ୍ୟକ୍ଷ ଅବଗତ କରାଇଥିଲେ । ମନ୍ତ୍ରୀଙ୍କ ଗସ୍ତବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ



ଆସିକା,୨୫।୯(ଡି.ଏନ୍.ଏ.): ଆସିକା ବ୍ଲକରେ ବିଡିଓ ଭାବେ ସତ୍ୟସୁନ୍ଦର ରାଉତ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ପୁରୁଷୋତ୍ତମପୁର ବିଡିଓ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ପୂର୍ବରୁ କାର୍ଯ୍ୟରତ ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ସାନଖେମୁଣ୍ଡି ବ୍ଲକକୁ ବଦଳି ହେବାପରେ ରାଉତ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଅପରାହ୍ନରେ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ କର୍ମଚାରୀଙ୍କ ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ୫-ଟି ଆଧାରରେ ସମ୍ପାଦନ ଦିଗରେ ସଂକଳ୍ପବଦ୍ଧ ହେବାଲାଗି ପରାମର୍ଶ ଦେଇଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ମାମଲା ରୁଜୁ

ପାଟପୁର,୨୬।୯(ଡି.ଏନ.ଏ.): ପାଟପୁର ଥାନା ଅଞ୍ଚଳର ଏକ ଗାଁରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପାଟପୁର ଥାନାରେ ଏତଲା ହେବା ପରେ ଆଇଆଇସି ରମେଶ କୁମାର ପ୍ରଧାନ ଘଟଣାର ତଦନ୍ତ କରି ନଂ.୧୯୫/୧୯ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତ ଜଣକ ପ୍ରାୟ ୩ ବର୍ଷ ହେଲା ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ନାବାଳିକା ଏତଲାରେ ଉଲ୍ଲେଖ କରିଛନ୍ତି।

### ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

ଭଞ୍ଜନଗର,୨୬।୯(ଡି.ଏନ.ଏ): ଭଞ୍ଜନଗର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଗୁରୁବାର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ବସ୍‌ଷ୍ଟାଣ୍ଡ, ଟାଉନହଲ ତୁରନ୍ତ କାର୍ଯ୍ୟକାରୀ କରିବା, ବୁଲା ଗୋରୁଙ୍କୁ ରାସ୍ତାରୁ ହଟାଇବା। ଏନେଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଉପ ଜିଲାପାଳ ଭାଜପା ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, ଗୋପାଳ ପାଣିଗ୍ରାହୀ, ସୀତାରାମ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଶୌଚାଳୟ ସମେତ ପ୍ରମୁଖ କାମ ପୂର୍ଣ୍ଣାଙ୍ଗ ହୋଇପାରି ନ ଥିବା ଯୋଗୁ ବସ୍‌ଷ୍ଟାଣ୍ଡ ଓ ଟାଉନହଲ୍ ଲୋକଙ୍କ ସେବାରେ ଆସୁନଥିବା ଜଣାପଡ଼ିଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସିଲଭର ଗାନ୍ଧୀଙ୍କୁ ସମ୍ବର୍ଦ୍ଧିତ କରିବେ ପ୍ରଧାନମନ୍ତ୍ରୀ

ଭଞ୍ଜନଗର,୨୬।୯(ଡି.ଏନ.ଏ)



ସାବିତ୍ରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରୀ ଓ ଅଧ୍ୟାପିକାଙ୍କ ଗହଣରେ ସିଲ୍‌ଭର ଗାନ୍ଧୀ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ବିଶ୍ୱରେ ଶାନ୍ତି ଓ ପ୍ରଗତି ପାଇଁ ଅହିଂସାକୁ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବା ଲକ୍ଷ୍ୟନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଜନସଚେତନତା ଓ ଦସ୍ତଖତ ଅଭିଯାନ ଗତ ୨୬ ତାରିଖରୁ ଆରମ୍ଭ ହୋଇଛି। ଗଞ୍ଜାମ ଜିଲାରୁ ଏହି ରଥ ବାହାରିଛି। ୧୦୦ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରଥଟି ବୁଲିବ। ଗୁରୁବାର ସ୍ଥାନୀୟ ବନ ବିଭାଗ ଡ଼ାକବଙ୍ଗଳାରୁ ଅହିଂସା ରଥ ବାହାରିଥିଲା। ଭଞ୍ଜନଗର ନିର୍ବାଚନମଣ୍ଡଳୀର ଭଞ୍ଜନଗର ସହର, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ବଡ଼କୋଦଣ୍ଡା, କୁଲାଡ଼, ଡୁରୁମୁ, ତିନିଛକିଆ, ବିଡ଼ିପୁର, ଜଗନ୍ନାଥପ୍ରସାଦ, ପଞ୍ଚଭୂତି ପ୍ରମୁଖ ଅଞ୍ଚଳ ରଥ ପରିକ୍ରମା କରିଥିଲା। ଏହି ସମୟରେ ସଚେତନତା କାର୍ଯ୍ୟକ୍ରମ ଓ ଦସ୍ତଖତ ଅଭିଯାନ ହୋଇଥିଲା। ଆୟୋଜିତ ସଭାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, କୃତିବାସ ବିଶ୍ୱାଳ, ମହିଳା କଲେଜ ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ସାଂସଦ ପ୍ରତିନିଧି ବିପ୍ର ବାରିକ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଆଇନଜୀବୀ ଦିବାକର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଳପାଣି ଶତପଥୀ, ପଞ୍ଚାନନ ପାଳ, ପ୍ରମୋଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ମାଟିଆସାହି, ବରଗାଁ, ବାଲାକିଆରୀ ଠାରେ ଅହିଂସା ରଥ ସହ ଆସିଥିବା କଳାକାର ପ୍ରତାପ ମିଶ୍ର, ରବି ସାହୁ, ନୀର ଆଚାର୍ଯ୍ୟ, ଗୁଣ୍ଡ, ସାଇରାମ ଗାନ୍ଧୀ, ଗିରିଜା, ରବି ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଲଭର ଗାନ୍ଧୀ (ସାଇରାମ) ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ। ଆସନ୍ତା ଗାନ୍ଧୀ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଲଭର ଗାନ୍ଧୀଙ୍କୁ ସମ୍ବର୍ଦ୍ଧିତ କରିବେ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ଲକ୍ଷ୍ୟ ସହିତ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଲୋକଙ୍କୁ ସଚେତନତା କରୁଥିବା ଯୋଗୁ ପ୍ରଧାନମନ୍ତ୍ରୀ ମୋତେ ସମ୍ବର୍ଦ୍ଧିତ କରିବେ ବୋଲି ସାଇରାମ ଏଠାରେ ପ୍ରକାଶ କରିଛନ୍ତି।

**ସମ୍ବିଧାନ ମୁଖବନ୍ଧରେ 'ଅହିଂସା' ଯୋଡ଼ିବାକୁ ଦସ୍ତଖତ ଅଭିଯାନ**

### ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମରେ ପରିବର୍ତ୍ତନ

# ଆର୍ମି ଏଡି କଲେଜରେ ପହଞ୍ଚିବେ ଆଜି

ଗୋପାଳପୁର,୨୬।୯

ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଶନିବାର ପରିବର୍ତ୍ତେ ଶୁକ୍ରବାର ଗୋପାଳପୁରରେ ଥିବା ଆର୍ମି ଏଡି କଲେଜରେ ରାଷ୍ଟ୍ରପତି ପହଞ୍ଚିବେ। ସ୍ୱତନ୍ତ୍ର ବିମାନ ଯୋଗେ ସେ ନୂଆଦିଲ୍ଲୀରୁ ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରୁ ହେଲିକପ୍ଟରରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ୩୦ମିନିଟ୍‌ରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ସେଠାରୁ କଡ଼ା ସୁରକ୍ଷା ବଳୟରେ ବାହାରି ଆର୍ମି ଏଡି କଲେଜରେ ପହଞ୍ଚି ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ୧୨ ପ୍ଲାଟୁନ ଫୋର୍ସ ସହିତ ୧ ଶହ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଓ ଗୋଇନ୍ଦା ବିଭାଗର ଅଧିକାରୀମାନେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ । ଏହି ଅବସରରେ କାର୍‌କେଡ୍ ମକ୍‌ଡ୍ରିଲ ମଧ୍ୟ ହୋଇଥିଲା। ଏଥିରେ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଆସିଥିଲା। ଏଥିସହ ବମ୍‌ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ ମଧ୍ୟ କରାଯାଇଥିଲା । ଗୋପାଳପୁର ଆର୍ମି ଏଡି କଲେଜର ପାସିଂଆଉଟ୍ ସେରିମନିରେ ରାଷ୍ଟ୍ରପତି ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ସମ୍ମାନ ଜନକ ଫ୍ଲାଗ ପ୍ରଦାନ କରିବେ । ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥଳସେନା ମୁଖ୍ୟ ବିପିନ ରାୱତ୍, ଲ୍ୟୁଟନାଣ୍ଟ ଜେନେରାଲ ଅଶ୍ୱିନୀ କୁମାର ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗୁରୁବାରରୁ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ସାଦା ପୋଷାକରେ ପୋଲିସ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ସୁରକ୍ଷା ବ୍ୟବସ୍ଥା ଯେଭଳି କଡ଼ାକଡ଼ି ହେବ ସେନେଇ ଡିଆଇଜି ଭୋଇ ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି ।



ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରୁ ଆର୍ମିଏଡି କଲେଜ ପର୍ଯ୍ୟନ୍ତ ହୋଇଥିବା କାର୍‌କେଡ୍ ମକ୍‌ଡ୍ରିଲ ।

# ତିତ୍‌ଲି ପରବର୍ତ୍ତୀ ସମୀକ୍ଷା କଲେ ଜିଲାପାଳ

## ସବୁ ବିଭାଗକୁ ତାଗିଦ, କାମ କର ନ ହେଲେ ଚାକିରି ଛାଡ଼

ପାତ୍ରପୁର,୨୬।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ତୁମ୍ବା ଉନ୍ନୟନ ସଂସ୍ଥା ପରିସରରେ ଗୁରୁବାର ତିତ୍‌ଲି ପରବର୍ତ୍ତୀ ସମୀକ୍ଷା କରିଛନ୍ତି ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ। ଅନୁଷ୍ଠିତ ବୈଠକରେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ, ତହସିଲଦାର ଶ୍ରୀନିବାସ ବେହେରା, ବିଡ଼ିଓ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତୁମ୍ବା, ବୁରାତାଲ ଓ ଆଙ୍କୁଲି ପଞ୍ଚାୟତରେ ତିତ୍‌ଲି ପରଠାରୁ କେଉଁ ଯୋଜନା କେତେଦୂର ଆଗେଇଛି ସେନେଇ ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କ ଠାରୁ ସନ୍ତୋଷଜନକ ଉତ୍ତର ନପାଇ ଖପ୍ପା ହୋଇଥିଲେ ଜିଲାପାଳ। ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ ମାନଙ୍କରେ କୋଠା ନିର୍ମାଣ ଶେଷ କରିବା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଥିବାବେଳେ ତୁମ୍ବା ଡ଼ାକ୍ତରଖାନାରେ ବାୟୋମେଟ୍ରିକ୍ ମେଶିନ ଲଗାଇ ଡ଼ାକ୍ତରଙ୍କ ଉପସ୍ଥିତିକୁ ତଦାରଖ କରିବାକୁ ପାତ୍ରପୁର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତିତ୍‌ଲି ପରେ ଆଦିବାସୀ ମାନଙ୍କୁ ମିଳିଥିବା ଘର ଓ ଗୁହାଳ କାମ ନେଇ ଜିଆର୍‌ଏସ୍, ବିଭିନ୍ନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପିଇଓ ଓ ବିଡ଼ିଓଙ୍କୁ ପଚାରିଥିଲେ। ତଥ୍ୟରେ ତାଳମେଳ ନରହିବାରୁ ଠିକ୍‌ଭାବେ କାମ କର ନହେଲେ ଚାକିରି ଛାଡ଼ ବୋଲି ତାଗିଦ୍ କରିଥିଲେ। ପୁରିଆସାହି ଠାରେ ଭଗ୍ନାବସ୍ଥାରେ ଥିବା ପର୍ଶୁରାମଙ୍କ ମୂର୍ତ୍ତିକୁ ଉପଯୁକ୍ତ ସ୍ଥାନରେ ସ୍ଥାପନ କରିବାକୁ ତହସିଲଦାରଙ୍କୁ କହିଥିଲେ। ସମୀକ୍ଷା ବୈଠକରେ ଟିଡ଼ିଏ ଅଧିକାରୀ ରାମଚନ୍ଦ୍ର ସେଠୀ, ସିଡ଼ିପିଓ ପଦ୍ମିନୀ ସାହୁ, କୃଷି, ସ୍ୱାସ୍ଥ୍ୟ, ପ୍ରାଣୀଧନ, ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲାପାଳ ଲୁକାସାହି କନ୍ୟାଶ୍ରମ ଓ ଗୌଡୁଣୀ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିବାବେଳେ ଉପଜିଲାପାଳ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ।



ସମୀକ୍ଷା ବୈଠକରେ ଜିଲାପାଳ, ଉପଜିଲାପାଳ ଓ ଅନ୍ୟମାନେ।

### କ୍ଷୁଦ୍ରଦାନା ଶସ୍ୟ ସଚେତନତା ଶିବିର

ପାତ୍ରପୁର,୨୬।୯(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଭୈରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କ୍ଷୁଦ୍ରଦାନା ଶସ୍ୟା ବହୁଳ ବ୍ୟବହାର ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭିୟୁଜ୍ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶୁ ସେଠୀ ସଭାପତିତ୍ୱ କରିଥିଲେ। ପ୍ରକଳ୍ପ ସଂଯୋଜକ ସରୋଜ ସତପଥୀ, ଏବିଇଓ ପ୍ରଫୁଲ୍ଲ ଚୌଧୁରୀ, ବ୍ଲକ କୋଅର୍ଡ଼ିନେଟର ମୁକ୍ତେଶ୍ୱର ପଣ୍ଡା ଯୋଗଦେଇ ଦୈନିକ ଖାଦ୍ୟରେ କ୍ଷୁଦ୍ରଦାନା ଯଥା ମାଣ୍ଡିଆ, ବାଜରା, ଜନା, କାଙ୍ଗୁ ଭଳି ଶସ୍ୟର ବହୁଳ ବ୍ୟବହାର, ଶିଶୁଙ୍କ ପାଇଁ ଏହାର ଉପାଦେୟତା ଏବଂ ଏଥିପାଇଁ ସରକାରଙ୍କ ପକ୍ଷରୁ ଥିବା ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା କରିଥିଲେ। ଉପରୋକ୍ତ ଶସ୍ୟକୁ ନେଇ କିଭଳି ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ ତାହା ତାଲିମ ଦିଆଯାଇଥିଲା । ପରେ ଗ୍ରାମରେ ସଚେତନତା ରାଲି କରାଯାଇଥିଲା। ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପ୍ରଧାନ, ସିଆର୍‌ସିସି ଗୁଟୁ ପ୍ରଧାନ, ଚିନ୍ତାମଣି ନାୟକଙ୍କ ସମେତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

କୁକୁଡ଼ାଖଣ୍ଡି,୨୬।୯(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ପଞ୍ଚାୟତ ଟିକରପଡ଼ା ଗ୍ରାମରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଗୁରୁବାର ଆରମ୍ଭ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ସନ୍ତୋଷ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ୪ ଜଣ ସକ୍ରିୟ ସଦସ୍ୟ ଚୟନ କରାଯାଇଛି। ପରବର୍ତ୍ତୀ ସମୟରେ ପ୍ରତି ସକ୍ରିୟ ସଦସ୍ୟ ମେମ୍ବର ୨୫ ଜଣ ଲେଖାଏ ପ୍ରାଥମିକ ସଦସ୍ୟ ସଂଗ୍ରହ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବେ। ଏନେଇ ଆୟୋଜିତ ସଭାରେ ଉପସ୍ଥିତ ସମସ୍ତ ଜନସାଧାରଣ ଓ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। ସଭାରେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ର, ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳିର ପର୍ଯ୍ୟବେକ୍ଷକ ସିଏଚ୍ ସିମାଦ୍ରୀ, ପାଇକାରି ଭଣ୍ଡାର ସଭାପତି ସୁଧୀର ରାଉତଙ୍କ ସମେତ ବହୁ ବିଜେଡି କର୍ମୀ ମଞ୍ଚାସୀନ ଥିଲେ।




ମଞ୍ଚାସୀନ ନେତୃବୃନ୍ଦ।

# ଗ୍ରୁପ ଡି' କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ବ୍ରହ୍ମପୁର ଅଫିସ, ୨୬।୯

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଗୁରୁବାର ସ୍ଥଗିତ ହୋଇଛି। ବକେୟା ଓ ବର୍ଦ୍ଧିତ ଦରମା ପ୍ରଦାନ ଦାବିକରି ଗ୍ରୁପ ଡି କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା କକକାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏନେଇ ସଂଗଠନ ଉପଦେଷ୍ଟା ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୧୦ ଦଫା ଦାବିଗୁଡ଼ିକ ମଧ୍ୟରେ ବର୍ଦ୍ଧିତ ଦରମା ପ୍ରଦାନ ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିବା ଏବଂ ବକେୟା ଦରମାକୁ ତୁରନ୍ତ ପୈଠ କରାଯିବ ବୋଲି ମେଡିକାଲ କଲେଜ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ବୈଠକରେ ସୂଚାଯାଇଥିଲା।

ସୂଚନାଯୋଗ୍ୟ, କର୍ମଚାରୀମାନେ ସ୍ୱଳ୍ପ ଦରମାରେ ଦୀର୍ଘ ବର୍ଷରୁ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାରଙ୍କ ନୂତନ ଓ ବର୍ଦ୍ଧିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ରହୁଥିଲେ। ଏ ସମ୍ପର୍କରେ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲର ଡିନ୍ ତଥା ପ୍ରିନ୍ସିପାଲ ରାଧାମାଧବ ତ୍ରିପାଠୀ, ସୁପରିଣ୍ଟେଣ୍ଡେଣ୍ଟ ଡ଼.ଚରଣ ପଣ୍ଡା, ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ଓ ଆକାଉଣ୍ଟସ୍ ଅଫିସର ଏବଂ ଗଞ୍ଜାମ ସିକ୍ୟୁରିଟି ପରିଚାଳନା ନିର୍ଦ୍ଦେଶକ ଟୁନା ପାଣିଗ୍ରାହୀଙ୍କ ଉଦ୍ୟମ ଓ ହସ୍ତକ୍ଷେପ ଯୋଗୁ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସଂଗଠନର ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀ ପ୍ରକାଶ କରିଛନ୍ତି। ଏଥିସହ ଅନ୍ୟାନ୍ୟ ଦାବିଗୁଡ଼ିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଉପସଭାପତି ମୁଖୀ କହିଛନ୍ତି । ଏଥିରେ ସଂଘ ସାଧାରଣ ସମ୍ପାଦକ ଲାଲୁ ମୋହନ ବେହେରା, ଚନ୍ଦ୍ର ପାତ୍ର, ପ୍ରକାଶ ବେହେରା, ରାଜୁ ଚିନ୍ନା, ରବି ନାରାୟଣ ବେହେରା, କେଶବ ନାୟକ, ଘନ ନାୟକ, ନୀଳାଦ୍ରି ପାତ୍ର, ଆନନ୍ଦ ମିଶ୍ର, ରମେଶ ରାଓ, ଗୌରହରି ମହାପାତ୍ର, ସନାତନ ନାୟକ, ରାମ ଗୌଡ଼, ରୀନା ରେଡ୍ଡୀ, ରଞ୍ଜିତା ପାତ୍ର, ରୀତା କୁମାରୀ ବେହେରା, ଜ୍ୟୋତ୍ସ୍ନା ତ୍ରିପାଠୀ, ନନ୍ଦିନୀ ସାମନ୍ତରା, ଏଲ.ନିରଞ୍ଜନ ଦାସ, ସନିଆ ନାୟକ ଓ ସନ୍ୟାସୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଘୁଆ ଜଳ ଭଣ୍ଡାରର ୨ ଗେଟ୍ ଖୋଲାଗଲା

ବୁଗୁଡ଼ା,୨୬।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ମତାଝରି ନିକଟସ୍ଥ ବାଘୁଆ ଜଳଭଣ୍ଡାରରୁ ଗୁରୁବାର ସକାଳ ୭ଟାରେ ୨ଗେଟ ଖୋଲାଯାଇ ପ୍ରଥମ ବନ୍ୟାଜଳ ବାଘୁଆ ନଦୀରେ ଛଡ଼ାଯାଇଛି । ଲଗାତର ୩ ଦିନ ବର୍ଷା ହେବା ଫଳରେ ବାଘୁଆ ଜଳସ୍ତର ବିପଦ ସଂକେତ ଛୁଇଁଥାନ୍ତା। ଏହାର ଜଳ ଧାରଣ କ୍ଷମତା ୧୧୩.୮୫ ମିଟର ଥିବା ବେଳେ ଗୁରୁବାର ସକାଳ ସୁଦ୍ଧା ଜଳସ୍ତର ୧୧୩.୬୭ ମିଟରରେ ପହଞ୍ଚିଥିଲା । ଅନ୍ୟପଟେ ବାଘୁଆ ଜଳ ଭଣ୍ଡାରରେ ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ଥିବା ବେଳେ ବର୍ଷା ଯୋଗୁ ଏଠାରେ ୨୯୩୯ ହେକ୍ଟର ମିଟର ପାଣି ବୃଦ୍ଧି ହୋଇଥିଲା । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୫ ଘନ ମିଟର ଜଳ ପ୍ରବେଶ କରୁଥିବା ବେଳେ ୨ଟି ଗେଟରେ ସେକେଣ୍ଡରେ ସେତିକି ଘନମିଟର ଜଳ ନିଷ୍କାସନ କରାଯାଉଛି।

### ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ର ଅଶାନ୍ତି ଘଟଣା

# ଅଧ୍ୟକ୍ଷଙ୍କ ସହ ଆଲୋଚନା ପରେ ସମାଧାନ

ପୋଲସରା,୨୬।୯

ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଛାତ୍ର ଅଶାନ୍ତିରେ ପୂର୍ଣ୍ଣଚ୍ଛେଦ ପଡିଛି। ଗୁରୁବାର ଅଧ୍ୟକ୍ଷ ଡ଼. ଦିବାକର ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜରେ ଏକ ବୈଠକ ବସିଥିଲା। ଏଥିରେ ସମସ୍ୟାର ସମାଧାନ ହୋଇଛି।

ପ୍ରକାଶ ଯେ, ଗତ ୫ ତାରିଖରେ ଯୁକ୍ତ ୨ ନାମଲେଖା ବେଳେ କଲେଜର ଡାଟାଏଣ୍ଟ୍ରି ଅପରେଟର ପ୍ରଭାକର ସାହୁ ନିର୍ଦ୍ଧାରିତ ଟଙ୍କା ଠାରୁ ଅଧିକ ନେଉଥିବା ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାର କୌଣସି ସମାଧାନ ନ ହେବାରୁ ସୋମବାର ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ସହ ଟାୟାର ଜାଳି ପ୍ରତିବାଦ କରିଥିଲେ। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସମାଧାନର ବାଟ ବାହାରି ନ ଥିଲା। ଛାତ୍ରମାନେ ଡ଼ାଟା ଏଣ୍ଟ୍ରି ଅପରେଟର ପ୍ରଭାକରଙ୍କୁ ଅଫିସରୁ ଟାଣି ମାଡ଼ ମାରିବା ନେଇ ପୋଲସରା ଥାନାରେ ଅଭିଯୋଗ ହୋଇଥିଲା। ବିଧାୟକ ମଧ୍ୟ ଛାତ୍ରମାନଙ୍କୁ ଧମକ ଦେଇଥିବା ଥାନାରେ ଛାତ୍ରମାନେ ଅଭିଯୋଗ ହୋଇଥିଲା। ପୋଲିସ ୩ ଜଣ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା। କଲେଜ ଅଧ୍ୟକ୍ଷ ଡ଼. ଦିବାକର ମିଶ୍ରଙ୍କ କହିବାଅନୁଯାୟୀ, ୧୨ ତାରିଖରେ ଛାତ୍ରମାନେ ଅଧିକ ଫି' ଆଦାୟ ନେଇ ଲିଖିତ ଅଭିଯୋଗ କରିଥିଲେ। ୧୬ ତାରିଖରେ ଛାତ୍ରମାନଙ୍କୁ ନେଇ ଆଲୋଚନା ହୋଇଥିଲା। ୧୭ରେ ସମସ୍ତେ ବସି ସମାଧାନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସେଦିନ କେହି ନ ଆସି ୨୩ ତାରିଖ ସୋମବାର ତାଲା ପକାଇଥିଲେ। ଛାତ୍ରମାନେ ଉକ୍ତ ଘଟଣା ସମ୍ପର୍କରେ କ୍ଷମା ମାଗିବା ସହ ଆଗାମୀ ଦିନରେ ଏପରି ନ କରିବାକୁ ଲିଖିତଭାବେ ଦେଇଥିବା ଅଧ୍ୟକ୍ଷ କହିଛନ୍ତି। ଏବେ କଲେଜରେ ଶାନ୍ତି ଫେରିଛି ଓ ପାଠପଢା ସ୍ୱାଭାବିକ ହେବ ବୋଲି କହିଛନ୍ତି।

# ଏସ୍‌ଏଚ୍‌ଜିକୁ ମାଛ ଚାଷ ପ୍ରଶିକ୍ଷଣ

## ଆତ୍ମନିର୍ଭରଶୀଳ ପାଇଁ ମହିଳାଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି

ଭଞ୍ଜନଗର,୨୬।୯(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପୂର୍ବରୁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି) ଗୁଡ଼ିକର ବିକାଶ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ତେଣୁ ସରକାର ମହିଳାମାନଙ୍କ ବିକାଶ ପାଇଁ ଅନେକ ଯୋଜନା ନିର୍ବାଚନ ପୂର୍ବରୁ ଓ ପରେ କରିଛନ୍ତି। ପଞ୍ଚାୟତ ପୋଖରୀ ନିଲାମରେ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ପ୍ରାଧାନ୍ୟ ଦିଆଯାଉଛି। ଏଭଳି ପରିସ୍ଥିତିରେ ପଞ୍ଚାୟତ ପୋଖରୀ ଲିଜ୍ ନେଇଥିବା ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନଙ୍କୁ ମାଛ ଚାଷ ଉପରେ ତାଲିମ ପ୍ରଦାନ କରାଯାଉଛି। ବ୍ଲକ ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଚାଲିଥିବା ମାଛ ଚାଷ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭଞ୍ଜନଗର, ବେଲଗୁଣ୍ଠା ବ୍ଲକର ମତ୍ସ୍ୟ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଭଞ୍ଜନଗର ବିଡ଼ିଓ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡ଼ିଓ ଭଜରାମ ବିଶ୍ୱାଳ, ୱାର୍ଲଡ଼ ଫିସ ଅନୁଷ୍ଠାନର ତୁଳସୀ କୁମାର, ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଭଞ୍ଜନଗର ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରର ପରିଚାଳକ ସରିଫ୍ ଅହମ୍ମଦ ତାଲିମଦାତା ଭାବେ ଯୋଗଦେଇ ପୋଖରୀ ପରିଚାଳନା, ସରକାରୀ ଯୋଜନା, ଉନ୍ନତ ଧରଣର ଯାଆଁଳ ଛାଡ଼ିବା, ଚୂନ ଓ ଖାଦ୍ୟ ପ୍ରୟୋଗ ଉପରେ କହିଥିଲେ। ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ କଲେ ଚାଷୀ ଅଧିକ ଲାଭବାନ ହେବେ। ଅନ୍ୟ ଚାଷ ଅପେକ୍ଷା ମାଛ ଚାଷରେ କମ୍ ବିନିଯୋଗରେ ଅଧିକ ଲାଭ ମିଳିଥାଏ। ତେଣୁ ଚାଷୀମାନେ ଏଥିପ୍ରତି ଧ୍ୟାନ ଦେବାକୁ ଅହମ୍ମଦ ଉପସ୍ଥିତ ଚାଷୀଙ୍କୁ ଆହ୍ୱାନ କରିଥିଲେ। ଭଞ୍ଜନଗର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁ ଶେଖର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବେଲଗୁଣ୍ଠା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଭାତ କୁମାର ଦାସ, ସାର୍ଥକ ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଚାଷୀମାନେ ଜଗନ୍ନାଥପ୍ରସାଦ ବ୍ଲକ ଦୁବ ମାଛ ଫାର୍ମ ପରିଦର୍ଶନ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-Clg-BAM-78-2019

**କାର୍ଯ୍ୟର ନାମ :** ଚାରି ବର୍ଷ (ଅର୍ଥାତ୍ 1460 ଦିନ) ଅବଧି ନିମନ୍ତେ ପ୍ଲାଟଫର୍ମ, ୟାର୍ଡ଼, ୱାସେବୁଲ ଆପ୍ରୋନ୍, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ ଏରିଆ, ପରିକ୍ଷେତ୍ର, ପ୍ରତୀକ୍ଷା ହଲ୍, ହୋମ୍ ସିଗ୍‌ନାଲ ଠାରୁ ହୋମ୍ ସିଗ୍‌ନାଲ ପର୍ଯ୍ୟନ୍ତ ୟାର୍ଡ଼ଗୁଡ଼ିକ ସହିତ ବ୍ରହ୍ମପୁର ଷ୍ଟେସନର ଯନ୍ତ୍ରୀକୃତ (MECHANIZED) ସଫେଇ ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 5,09,63,916.47, EMD (ଟଙ୍କାରେ): 4,04,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 1460 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.10.2019ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.10.2019 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ

PR-392/K/19-20

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨୭ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀ ଲାଗି ବ୍ଲକସ୍ତରୀୟ ପ୍ରତିଯୋଗିତା

ଆସିକା,୨୬।୯(ଡି.ଏନ୍.ଏ.)-ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଗୁରୁବାର ଆସିକା ସରକାରୀ ବାଳିକା ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା । ଏଥିରେ ଆସିକା ବ୍ଲକ ଅନ୍ତର୍ଗତ ୨୭ ପଞ୍ଚାୟତ ଓ ଏନଏସିର ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୧୧ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏବଂ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟସୁନ୍ଦର ରାଉତ, ଆଇନଜୀବୀ ଦିଲୀପ ପାଣିଗ୍ରାହୀ, ପୂର୍ବତନ କାଉନ୍‌ସିଲର ତାରିଣୀ ସେନାପତି, ରଶ୍ମିତା ସେନାପତି, ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜଲି ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ପାତ୍ର ପ୍ରମୁଖ ଯୋଗଦେଇ ବାପୁଙ୍କ ତ୍ୟାଗପୂତ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରତି ବିଭାଗରୁ ୨ ଜଣ ଲେଖାଏ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସଦର ସିଆର୍‌ସିସି ସରୋଜ କୁମାର ନାୟକ, ହରିବନ୍ଧୁ ବିଷୋୟୀ, ସୀମାଞ୍ଚଳ ସେଠୀ, ନିରଞ୍ଜନ ପରିଡା, ବିଦ୍ୟାଧର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

### ଖେମୁଣ୍ଡି କଲେଜରେ ବିଭିନ୍ନ ପ୍ରତିଯୋଗିତା

ଦିଗପହଣ୍ଡି,୨୬।୯(ଡି.ଏନ.ଏ.)- ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜରେ ଗୁରୁବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକ ପାଳନ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅଧାପକ ଡ଼.କୈଳାସ ଚନ୍ଦ୍ର ମହାପାତ୍ର, ଡ.ସିଏଚ୍.ସାନ୍ତା କୁମାରୀ, ଡ. ପୁଷ୍ପଲତା ସାହୁ, ତ୍ରିଲୋଚନ ରଇତ, ଜ୍ଞାନରଞ୍ଜନ ରେଡ୍ଡୀ ପ୍ରମୁଖ ଅଧାପିକା ଅଧାପକ ବିଚାରକ ମଣ୍ଡଳୀ ଭାବେ ନିୟୋଜିତ ହୋଇ ମୂଲ୍ୟାୟନ କରିଥିଲେ। ଛାତ୍ର ବି.ଶିବ, ଆଦିତ୍ୟ ନାରାୟଣ ପାଢୀ ଏବଂ ଛାତ୍ରୀ ଏସ୍.ପ୍ରମିଳା ଦୋରା ଏବଂ ସ୍ନେହଲତା ନାୟକ ଉଭୟ ଛାତ୍ର ଓ ଛାତ୍ରୀ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିଲେ। ଆସନ୍ତା ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସେମାନଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ କଲେଜ ଅଧାପିକା ଅଧାପକ ଓ କର୍ମଚାରୀବୃନ୍ଦ ପରିଚାଳନା କରିଥିଲେ।

## ପୁରୁଷୋତ୍ତମପୁର ଏନ୍‌ଏସି

# ସୁନାରିତୋଟା ସାହି ରାସ୍ତାରେ ଆଣ୍ଠୁଏ ପାଣି

### ଆନ୍ଦୋଳନ ଚେତାବନୀ


ସୁନାରିତୋଟା ସାହି ରାସ୍ତା।

ପୁରୁଷୋତ୍ତମପୁର,୨୬।୯(ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନ୍‌ଏସିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ ସଫେଇ, ନିର୍ମାଣ ଲାଗି ଦୀର୍ଘଦିନ ହେଲା ୱାର୍ଡନଂ.୯ ରଥସାହି, ସୁନାରିତୋଟାସାହିବାସୀ ଦାବି କରିଆସୁଥିଲେ ମଧ୍ୟ ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଫଳରେ ବର୍ତ୍ତମାନ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଛି। ବହୁ ଲୋକଙ୍କ ଘରେ ପାଣି ପଶିବା ସହ ଯାତାୟାତରେ ସମସ୍ୟା ହେଉଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହାର ସମାଧାନ ଦାବିରେ ଲୋକେ ଏନ୍‌ଏସି କାର୍ଯାଳୟକୁ ଯାଇ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁନାରିତୋଟା ସାହିର ଜନସାଧାରଣଙ୍କ ଲାଗି ୨୦୧୧-୨୦୧୨ରେ ୬ ଲକ୍ଷ ୫୦ ହଜାର ଟଙ୍କାରେ କିଛିବର୍ଷ ତଳେ ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ନିମ୍ନମାନର କାମ ସହ ରକ୍ଷଣାବେକ୍ଷଣ ଲାଗି ଏନ୍‌ଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ଏହା ଅତ୍ୟନ୍ତ ଦୟନିୟ ହୋଇପଡିଛି। ଅପରପକ୍ଷରେ ଏହି ରାସ୍ତା ନିକଟରେ ଗତ କିଛିଦିନ ତଳେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଡ୍ରେନ ଓ ଆଉଏକ ରାସ୍ତା କାମ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଡ୍ରେନ୍‌ରେ ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଏଠାରେ ଖୁଣ୍ଟ ପୋତା ଯାଇଥିବାବେଳେ ଷ୍ଟ୍ରିଟ୍ ଲାଇନ ମଧ୍ୟ ଲାଗିନାହିଁ। ଏନେଇ ଜନସାଧାରଣ ଏନ୍‌ଏସି କାର୍ଯାଳୟକୁ ଯାଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ନଚେତ୍ ଏନ୍‌ଏସି ସମ୍ମୁଖ ମୁଖ୍ୟରାସ୍ତାକୁ ଅବରୋଧ କରି ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହାକୁ ନେଇ ନିର୍ବାହୀ ଅଧିକାରୀ ଏ. ନାଗେଶ୍ୱର ରାଓଙ୍କ ସମେତ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ପରିସ୍ଥିତିକୁ ଦେଖି ଯଥାଶୀଘ୍ର ପାଣି ନିଷ୍କାସନ ବ୍ୟବସ୍ଥା କରିବା ସହ ରାସ୍ତା ସଫାସୁତୁରା ଓ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଭୋଟର ତାଲିକା ପ୍ରସ୍ତୁତି କର୍ମଶାଳାରେ ଉପଜିଲାପାଳ


କର୍ମଶାଳାରେ ଉପସ୍ଥିତ ଉପଜିଲାପାଳ।

ଦିଗପହଣ୍ଡି,୨୬।୯(ଡି.ଏନ.ଏ.)

ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ବୁଧବାର ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏଠାରେ ଚାଲିଥିବା ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା କର୍ମଶାଳାରେ ସେ ଯୋଗଦେଇଥିଲେ। କର୍ମଶାଳାରେ ଉପସ୍ଥିତ ବିଏଲ୍‌ଓ ତଥା ଅଙ୍ଗନୱାଡ଼ି କର୍ମୀ ଏବଂ ସୁପରଭାଇଜରମାନଙ୍କୁ ଭୋଟର ତାଲିକାର ଠିକ୍ ଯାଞ୍ଚ ଏବଂ ତ୍ରୁଟିଶୂନ୍ୟ କରିବା ସକାଶେ ନିର୍ଦ୍ଧାରିତ ନିୟମାବଳୀ ସମ୍ପର୍କରେ ତାଲିମ ଦେଇଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟଗୁଡ଼ିକ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଆସନ୍ତା ୧.୧.୨୦୨୦ ସୁଦ୍ଧା ୧୮ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତିଙ୍କ ଭୋଟର ତାଲିକାରେ ସଂଯୋଗୀକରଣ, ଗୋଟିଏ ପରିବାରର ସମସ୍ତ ଭୋଟରଙ୍କ ନାଁ ଗୋଟିଏ ଭୋଟ କେନ୍ଦ୍ରର ଭୋଟର ତାଲିକାରେ ରଖିବା ପାଇଁ ବୁଥସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉପଜିଲାପାଳଙ୍କ ଗସ୍ତ ସମୟରେ ବିଡିଓ ହଳଧର ଶବର, ଜିପିଇଓ ରମାକାନ୍ତ ଚୌଧୁରୀ, ୧୬୬ ବୁଥର ବିଏଲଓ, ୧୫ ସୁପରଭାଇଜର, ୧୬ ଗୋଷ୍ଠୀ ସାଧନ କର୍ମୀ ଉପସ୍ଥିତ ଥିଲେ।

## ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାଛଚାଷ ପ୍ରଶିକ୍ଷଣ


ମାଛ ଚାଷ ନେଇ ପ୍ରଶିକ୍ଷଣ ଶିବିର।

ପୁରୁଷୋତ୍ତମପୁର,୨୬।୯(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ମତ୍ସ୍ୟ ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମାଛ ଚାଷ ଲାଗି ପ୍ରଶିକ୍ଷଣ ଶିବିର ପୁରୁଷୋତ୍ତମପୁର ବ୍ଲକ ମତ୍ସ୍ୟ ବିଭାଗୀୟ ଅତିରିକ୍ତ ଅଧିକାରୀ ଫ୍ଲୋରା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ, ପୁରୁଷୋତ୍ତମପୁର ଏବିଡିଓ ମଧୁସୂଦନ ମହାରଣା, ସିଡିପିଓ ବବିତା ଚ୍ୟାଉପଟ୍ଟନାୟକ, ଅଙ୍ଗନୱାଡି ସୁପରଭାଇଜର ଇନ୍ଦିରା ପଣ୍ଡା, ସହକାରୀ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ଦେବାଶିଷ ମାର୍ଥା, ୱାର୍ଲଡ ଫିସର ଜେନେରାଲ ମ୍ୟାନେଜର ତୁଳସୀ କୁମାର, କୁକୁଡାଖଣ୍ଡି ମତ୍ସ୍ୟ ବିଭାଗୀୟ ଅତିରିକ୍ତ ଅଧିକାରୀ ସଚିତାରାଣୀ କରଙ୍କ ସମେତ ବହୁ ଅଧିକାରୀମାନେ ଯୋଗ ଦେଇ କିଭଳି ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ମାଛଚାଷ ନିମନ୍ତେ ବିଭିନ୍ନ ତାଲିମ ଦେଇଥିଲେ। ଏନେଇ ଋଣ ପ୍ରଦାନର ବ୍ୟବସ୍ଥା ସମ୍ପର୍କରେ ବୁଝାଇବା ସହ ବିଭିନ୍ନ ସ୍ଥାନରେ ମାଛ ଚାଷ ହୋଇଥିବା ପୋଖରୀ ନିକଟକୁ ନେଇ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

## ମୋ ନିବେଦନ କାର୍ଯ୍ୟକ୍ରମ

ବୁଗୁଡ଼ା,୨୬।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଏ.କରଡ଼ାବାଡ଼ି ପଞ୍ଚାୟତ ଓ ଭାମଶିଆଳି ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ତଥା ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ତନ୍ମୟ ପାତ୍ର ଅଧକ୍ଷତା କରିଥିଲେ। ଏ.କରଡ଼ାବାଡ଼ି ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆୟୋଜିତ ମୋ ନିବେଦନ କାର୍ଯ୍ୟକ୍ରମରେ କଳମ୍ବ, ପୋଚାଲୁଣ୍ଡି ଓ ଏ.କରଡ଼ାବାଡ଼ି ପଞ୍ଚାୟତର ଲୋକେ ଭାଗ ନେଇଥିଲେ। ଭାମଶିଆଳିପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ମୋ ନିବଦେନ କାର୍ଯ୍ୟକ୍ରମରେ ଗୋଲିଆ ଓ ଭାମଶିଆଳି ପଞ୍ଚାୟତର ଲୋକେ ନିଜର ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଡ଼ିଓଙ୍କ ସମେତ ଏବିଡିଓ ସଞ୍ଜିବ ରାଜ ସେନାପତି, ସିଡିପିଓ ରଞ୍ଜିତା ତ୍ରିପାଠୀ, ଏବିଇଓ ପୀତାମ୍ବର ବିଷୋୟୀ, ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୨୨ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୫୪ ଫଇସଲା ହୋଇଥିଲା ଏବଂ ୬୮ ସ୍ଥଗିତ ଥିଲା।

## ଜାତୀୟ ସେବା ଯୋଜନା ଦିବସ ପାଳିତ

ଖଲ୍ଲିକୋଟ,୨୬।୯(ଡି.ଏନ.ଏ.)

ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ କଲେଜ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ଶ୍ୟାମ ସୁନ୍ଦର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଣୀ ବିଭାଗ ମୁଖ୍ୟ ତ୍ରିନାଥ ସାହୁ ମୁଖ୍ୟଅତିଥି, ଓଡ଼ିଆ ବିଭାଗ ମୁଖ୍ୟ ଡ଼. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବାଣିଜ୍ୟ ବିଭାଗ ମୁଖ୍ୟ ବିଶ୍ୱନାଥ ମହାପାତ୍ର, ଅଧାପିକା ଶୁଭଶ୍ରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ସେବା ଯୋଜନାର ଆହ୍ୱାନ 'ମୋ ପାଇଁ ନୁହେଁ ତୁମ ପାଇଁ' ବିଷୟବସ୍ତୁ ଉପରେ ବିଶଦ ବର୍ଣ୍ଣନା କରିଥିଲେ। ସେହିପରି ପ୍ରାଣୀ ବିଭାଗ ମୁଖ୍ୟ ତ୍ରିନାଥ ସାହୁ ସମାଜସେବା ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ ଉପରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଥିଲେ। କଲେଜ ଅଧକ୍ଷ ପାଢ଼ୀ ନିଜ ବକ୍ତବ୍ୟରେ ଜଣେ ବିଦ୍ୟାର୍ଥୀ ବିଦ୍ୟା ଅଧ୍ୟୟନ ସହ ସମାଜର ସେବାମୂଳକ କାର୍ଯ୍ୟ କରି କିପରି ଉତ୍ତମ ନାଗରିକ ହୋଇପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧାପିକା ଅଧାପକଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।


ଉପସ୍ଥିତ ଅତିଥିବୃନ୍ଦ।

## ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ

ଆସିକା,୨୬।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗାୟତ୍ରୀ ପରିବାର ଆସିକା ଶାଖା ପକ୍ଷରୁ ଜାନୁୟାରୀ ୨୯ ତାରିଖଠାରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ଆସିକାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ ହେବ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଗୁରୁବାର ଆସିକା ଟାଉନ ହଲଠାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ଗାୟତ୍ରୀ ପରିବାର ଉପଜୋନ ପ୍ରଭାରୀ ଡ. ବୃନ୍ଦାବନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ, ଗଜପତି, ରାୟଗଡା ଓ କନ୍ଧମାଳ ଜିଲାର ଗାୟତ୍ରୀ ପରିବାର ସଂଯୋଜକ ରାମଚନ୍ଦ୍ର ସେନାପତି, କନ୍ଧମାଳ ଜିଲା ସଂଯୋଜକ ଅନନ୍ତ ଚରଣ ପୃଷ୍ଟି, ଗଞ୍ଜାମ ଜିଲା ସଂଯୋଜକ ତ୍ରିନାଥ ସେଠୀ, ଗୋକୁଳ ଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ତ୍ରିପାଠୀ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଯୋଗଦେଇ ମହାଯଜ୍ଞର ଆୟୋଜନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ଏହି ମହାଯଜ୍ଞର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି । ମହାଯଜ୍ଞ ପୂର୍ବରୁ ଆସିକା ଅଞ୍ଚଳର ୧୦୮ଟି ଗ୍ରାମରେ ପୃଥକ ପୃଥକ ଭାବେ ଯଜ୍ଞ କରାଯାଇ ସେଠାରୁ ମୃତ୍ତିକା ଯଜ୍ଞସ୍ଥଳକୁ ଅଣାଯିବା ପରେ ମହାଯଜ୍ଞ ଆୟୋଜନ କରାଯିବ । ଜାନୁୟାରୀ ୨୯ରେ ୫ ହଜାର ମହିଳାଙ୍କ ଏକ କଳସଯାତ୍ରା, ୩୦ ତାରିଖରେ ୧୦୮ କୁଣ୍ଡୀୟ ଦେବ ଆବାହନ ଏବଂ ଘୃତ ଆହୁତି ଏବଂ ୧ ତାରିଖ ତିଳ ସପ୍ତମୀରେ ମହାଯଜ୍ଞ ପୂର୍ଣ୍ଣାହୁତି କରାଯିବାକୁ ସ୍ଥିର କରାଯାଇଛି । ବୈଠକରେ ଦିଲୀପ ପାଣିଗ୍ରାହୀ, ଶିବ ନାହାକ, ଅନିଲ କୁମାର ପାଣିଗ୍ରାହୀ, କିଶୋର ମୋହନ ପାତ୍ର, ବ୍ୟୋମକେଶ ପାଢୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଗାୟତ୍ରୀ ପରିବାର ପକ୍ଷରୁ ଜ୍ୱାଲା ପ୍ରସାଦ ଆଚାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ୪ ନାବାଳିକା ନିର୍ଯାତନା ମାମଲାର ସାକ୍ଷ୍ୟ ଗ୍ରହଣ

ଛତ୍ରପୁର,୨୬।୯(ଡି.ଏନ.ଏ.)

ପୋକ୍‌ସୋ କୋର୍ଟ ପକ୍ଷରୁ ଗୁରୁବାର ଛତ୍ରପୁର କୋର୍ଟ ପରିସରରେ କ୍ୟାମ୍ପ କୋର୍ଟ କରାଯାଇଛି । ଏଠାରେ ଛତ୍ରପୁର, ପୁରୁଷୋତ୍ତମପୁର ଓ ରମ୍ଭା ଥାନା ଅଞ୍ଚଳରେ ଘଟିଥିବା ୪ ନାବାଳିକା ନିର୍ଯାତନା ମାମଲାର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ପିଡୀତାଙ୍କ ସୁବିଧା ଲାଗି ବ୍ରହ୍ମପୁରସ୍ଥିତ ପୋକ୍‌ସୋ କୋର୍ଟ ପକ୍ଷରୁ ଏପରି ବିଭିନ୍ନ ସ୍ଥାନରେ କ୍ୟାମ୍ପ କୋର୍ଟ କରାଯାଉଛି ।

## ୪ ପଞ୍ଚାୟତରେ ମୋ ନିବେଦନ କାର୍ଯ୍ୟକ୍ରମ

ଶେରଗଡ,୨୬।୯(ଡି.ଏନ.ଏ.)

ଶେରଗଡ ବ୍ଲକର ୪ ପଞ୍ଚାୟତର 'ମୋ ନିବେଦନ' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପିତଳର ୧୭୨, ତହଁରର ୩୭, ନରେନ୍ଦ୍ରପୁରର ୫୬, ବ୍ରାହ୍ମଣଛାଇର ୨୮ଟି ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ.ଦୟାସିନ୍ଧୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ପିତଳ ସରପଞ୍ଚ ରଙ୍ଗବତୀ ବେହେରା, ନରେନ୍ଦ୍ରପୁର ସରପଞ୍ଚ ବିନୋଦ ବେହେରା, ଏବିଡିଓ ଅରୁଣ କୁମାର ପ୍ରଧାନ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ହୀନ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

## ଶୁଖୁଆହାଟ ନିର୍ମାଣ ପାଇଁ ଶୁଭ ଦେଲେ ବିଧାୟକ

ଗଞ୍ଜାମ,୨୬।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ହୁମ୍ମା ପଞ୍ଚାୟତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହୁମ୍ମା ଶୁଖୁଆ ହାଟ ଅବ୍ୟବସ୍ଥା ଦେଇ ଗତି କରୁଥିଲା। ଶୁଖୁଆ ବ୍ୟବସାୟୀମାନେ ରାତ୍ର ରହଣି ପାଇଁ ଥିବା ଘର ଗୁଡ଼ିକ ଭାଙ୍ଗି ଯାଇଥିଲା। ସେଠାରେ ଅତ୍ୟାଧୁନିକ ହାଟ ନିର୍ମାଣ ପାଇଁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବୁଧବାର ଶୁଭ ଦେଇଛନ୍ତି। ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ (ଆଇସିଜେଡଏମପି) ବା ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଦ୍ୱାରା ୫ କୋଟି ବ୍ୟୟ ଅଟକଳରେ ହାଟର ଉନ୍ନତିକରଣ କରାଯିବ ବୋଲି ଜଣାପଡ଼ିଛି। ୨୦୧୮ ଏପ୍ରିଲରେ ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ସେନାପତି ଓ ଯୁଗ୍ମ ସଚିବ ଶିବ ନାରାୟଣ ସାହୁ ଉକ୍ତ ହାଟ ପରିଦର୍ଶନ କରି ସରକାରଙ୍କୁ ଜଣାଇଥିଲେ। ବିଧାୟକ ଶୁଭ ଦେବା ବେଳେ ହୁମ୍ମା ସରପଞ୍ଚ ଚନ୍ଦ୍ରମୋହନ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ଅଞ୍ଚଳର ରଙ୍କନିଧି ପ୍ରଧାନ, ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ରଘୁନାଥ ସାହୁ, ମତ୍ସ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ମିଶ୍ର, ଆର୍ବନ ନିର୍ଦ୍ଦେଶକ ପିଏସ ଭୂମିକା ପ୍ରମୁଖ ଉପସ୍ଥିତ ଥିଲେ ।


ହାଟ ନିର୍ମାଣ ଶୁଭ ଦେଉଛନ୍ତି ବିଧାୟକ।

## ଗାନ୍ଧୀ ଜୟନ୍ତୀ ନିମନ୍ତେ ପ୍ରତିଯୋଗିତା

ଶେରଗଡ,୨୬।୯(ଡି.ଏନ.ଏ.)

ଶେରଗଡ ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଗୁରୁବାର ସ୍ଥାନୀୟ ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ଶୁଭାରମ୍ଭ କରାଯାଇଛି। ଏହାକୁ ବିଡିଓ ସୁରଞ୍ଜନ କୁମାର ସାହୁ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ବ୍ଲକର ବହୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ରଚନା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଅତିଥିଭାବେ ଗୋଷ୍ଠୀ ଶିକ୍ଷାଅଧିକାରୀ ଭାସ୍କର ଲେଙ୍କା, ଏବିଇଓ ଲକ୍ଷ୍ମୀନାରାୟଣ କର, ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢୀ, ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାମଲ ଯୋଗଦେଇ ପୁରସ୍କୃତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୧୫୦ରୁ ଅଧିକ ଛାତ୍ରୀଛାତ୍ର ଭାଗନେଇଥିଲେ। କ୍ରିକେଟ, ଚେସ୍, କବାଡି ପାଇଁ ଖେଳାଳି ଚୟନ କରାଯାଇ କୃତୀପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ପଠାଯିବ ବୋଲି ବିଇଓ ଲେଙ୍କା କହିଛନ୍ତି।



ଶୁଭାରମ୍ଭ ଅବସରରେ ବିଡିଓ ସାହୁ ବକ୍ତବ୍ୟ ରଖୁଛନ୍ତି।

## ସଂକ୍ଷେପରେ

### ଅଭିନବ ଉପାୟରେ ଠକେଇ

**ଫିରିଙ୍ଗିଆ,୨୬।୯:** ଅଭିନବ ଉପାୟରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୫ଟି ପର୍ଯ୍ୟାୟରେ ୩୯,୫୦୦ରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା ସ୍ଥାନୀୟ ଗୁଡିଆ ସାହିର ବିଶ୍ୱଜିତ ସେନାପତି ଏ ନେଇ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବିଶ୍ୱଜିତଙ୍କ ଫୋନକୁ ଗୁରୁବାର ଏକ ଫୋନ କଲ ଆସିଥିଲା। କଷ୍ଟମର କେୟାର ପରିଚୟ ଦେଇ କେହି ଜଣେ ଫୋନ ପେ' ବିଷୟରେ ପଚାରିଥିଲେ। ବିଶ୍ୱଜିତ୍ କିଛି ତଥ୍ୟ ଦେଇଥିଲେ। ଏହାର କିଛି ସମୟରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଯାଇଥିଲା।

### ଏନ୍ଏସି ପକ୍ଷରୁ ଅଙ୍ଗୀକାର ତାଲିମ ଶିବିର



**ଜି.ଉଦୟଗିରି,୨୬।୯(ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୂର୍ଣ୍ଣ ହୋଇଥିବା ଗୃହର ହିତାଧିକାରୀମାନେ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ସର୍ଭେ କରିବା ପାଇଁ ଜି.ଉଦୟଗିରି ଏନଏସି ତରଫରୁ ଅଙ୍ଗୀକାର ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନଏସି ସଭାଗୃହରେ ଅନୁଷ୍ଠିତ ଏହି ଶିବିରରେ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଅଧକ୍ଷତା କରିଥିଲେ। ନୋଡାଲ ଅଫିସର କମ୍ବୁପାଣି ପାଣିଗ୍ରାହୀ, ଜିଲା ସଂଯୋଜକ ସତ୍ୟବ୍ରତ ମହାରଣା ସମ୍ପୂର୍ଣ୍ଣ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଏଲଇଡି ବଲବ୍ ପାଇଛନ୍ତି କି ନାହିଁ, ସେମାନଙ୍କ ଘରେ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ଅଛି କି ନାହିଁ ଆଦି ବିଭିନ୍ନ ବିଷୟରେ ସର୍ଭେ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସିଇଓ ସରିତା ରଥ ଓ ସ୍ୱାସ୍ଥ୍ୟ ପରିଦର୍ଶକ ସୁରେନ ବିଷୋୟୀ ହିତାଧିକାରୀମାନେ ଯେପରି ଶୌଚାଳୟ ବ୍ୟବହାର କରିବେ ସେମାନଙ୍କୁ ସଚେତନ କରାଇବା ପାଇଁ ସ୍ୱାସ୍ଥ୍ୟ ସାଥୀ ଓ ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ ।

### ଯୁବନେତାଙ୍କ ବିୟୋଗରେ ଶୋକ



**ଦାରିଙ୍ଗବାଡ଼ି,୨୬।୯(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡ଼ା ଅଞ୍ଚଳର ଯୁବନେତା ଅରୁଣ କୁମାର ତ୍ରିପାଠୀ(୩୫)ଙ୍କ ଗୁରୁବାର ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ କିଛିଦିନ ହେଲା ଲିଭର ରୋଗରେ ପୀଡିତ ଥିଲେ। ତାଙ୍କ ବିୟୋଗ ଖବର ଦାରିଙ୍ଗବାଡ଼ି ସମେତ ବୁଡାଗୁଡ଼ାରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସେ ବିଜେଡି ଦଳର ଭଲ ସଂଗଠକ ଥିଲେ। ସ୍ଥାନୀୟ ବିଧାୟକଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କ ମୃତଦେହ ସାନଭାଇ କିରଣ ଏବଂ ବଡ଼ ଭାଇ ସୂର୍ଯ୍ୟନାରାୟଣ ବିଶାଖାପାଟଣାରୁ ଆଣି ଗ୍ରାମକୁ ଆସୁଛନ୍ତି।

# କୃଷି ସୂଚନା, ପରାମର୍ଶ କେନ୍ଦ୍ର ପାଲଟିଛି ଭୂତକୋଠି

**ଖଜୁରିପଡ଼ା,୨୬।୯(ଡି.ଏନ.ଏ.)**

ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଏହାର ସଫଳ ରୂପାୟନ ନିମନ୍ତେ ବହୁ ଟଙ୍କା ବ୍ୟୟ କରାଯାଉଛି। ମାତ୍ର କେତେକ କାରଣରୁ ଲକ୍ଷ୍ୟଠାରୁ ଦୂରେଇ ଯାଉଛି ଯୋଜନା। ଖଜୁରିପଡ଼ା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି। ଖଜୁରିପଡ଼ା ବ୍ଲକ କାର୍ଯ୍ୟାଳୟକୁ ଲାଗି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଲାଗି କୋଠାଘର ନିର୍ମାଣ ହୋଇଛି। ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ଉଦ୍‌ଘାଟନ ହୋଇପାରନି କି ଏହା କୃଷକଙ୍କ ହିତରେ ଲାଗି ପାରିଲାନି। ଏବେ ଏହି କୋଠା ଭୂତକୋଠି ପାଲଟିଛି। ଚାରିପାଖେ ଗଛଲଟା ମାଡ଼ି ଗଲାଣି। କୋଠା କାହା ସ୍ୱାର୍ଥ ପାଇଁ ନିର୍ମାଣ କରାଯାଇଛି ଓ କୃଷି ବିଜ୍ଞାନ କେନ୍ଦ୍ର କାହିଁକି କାର୍ଯ୍ୟକ୍ଷମ ହେଉନାହିଁ ଏବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । କୃଷକଙ୍କୁ ଚାଷ କାର୍ଯ୍ୟ ଓ ଚାଷ ପ୍ରଣାଳୀ ଉପରେ ସୂଚନା ବା ପରାମର୍ଶ ଦେବାପାଇଁ ହୋଇଥିବା ଏହି କେନ୍ଦ୍ର ଲକ୍ଷ୍ୟଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଛି ବୋଲି ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି । ଲୋକେ ଧୀରେ ଧୀରେ କୃଷି କାର୍ଯ୍ୟକୁ ପଛରେ ପକାଇ ନିଜ ଗାଁ ଛାଡ଼ି ବାହାରକୁ ମୂଲ ଲାଗିବାକୁ ଯାଉଛନ୍ତି।



କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର।

ଖଜୁରିପଡ଼ା ବ୍ଲକ ୧୪ ପଞ୍ଚାୟତକୁ ନେଇ ଗଠିତ। ସମସ୍ତ ପଞ୍ଚାୟତରେ ଚାଷ କାର୍ଯ୍ୟ ଚାଲିଛି। ହେଲେ ଚାଷୀଙ୍କୁ ଠିକ ସମୟରେ ଚାଷ ସମ୍ପର୍କିତ ସୂଚନା ଓ ଉଚିତ ପରାମର୍ଶ ଦେବା ପାଇଁ ନିର୍ମିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସୁଫଳ ମିଳୁନି। ଅନ୍ୟପକ୍ଷରେ ଖଜୁରିପଡ଼ା କୃଷି କାର୍ଯ୍ୟାଳୟକୁ ଗଲେ ଅଧିକାଂଶ ସମୟରେ ସହକାରୀ କୃଷି ଅଧିକାରୀଙ୍କୁ ଭେଟି ପାରୁନାହାନ୍ତି କୃଷକମାନେ। କାଁଭାଁ ବର୍ଷକୁ କୋଉଠି କେମିତି କୃଷକ ସମ୍ମିଳନୀ କରାଯାଉଛି । ତାହା ମଧ୍ୟ ହାତଗଣତି କେତେଜଣ ମହିଳା ଓ ପୁରୁଷଙ୍କୁ ନେଇ କାର୍ଯ୍ୟକ୍ରମ ଶେଷ କରି ଦିଆଯାଉଛି। ବ୍ଲକରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଅଛନ୍ତି। ୧୦ ହଜାର ୪ ଶହ ୬୭ ହେକ୍ଟର ଚାଷଜମି ଅଛି। ସେଥିରୁ ୫ ହଜାର ୧୮୫ ହେକ୍ଟର ଜମିରେ ଧାନଚାଷ କରାଯାଉଥିବା ବେଳେ ବଳକା ଜମିରେ ଅଣଧାନ ଚାଷ ହେଉଛି ବୋଲି ବ୍ଲକ ସହକାରୀ କୃଷି ଅଧିକାରୀ ଜଗନ୍ନାଥ ବାରିକ ପ୍ରକାଶ କରିଛନ୍ତି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟକ୍ଷମ ନ ହେବା ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ପ୍ରତିଭା ପ୍ରଧାନଙ୍କୁ ଫୋନ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଫଳରେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଉପ ନିର୍ଦ୍ଦେଶକ (କୃଷି) ପ୍ରଦୀପ କୁମାର ରଥଙ୍କ ସହ ଯୋଗାଯୋଗ କରିବାରୁ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କୋଠାକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା କହିଥିଲେ। ସାଉଥକୋ ବହୁ ଟଙ୍କାର ଏକ ଏଷ୍ଟିମେଟ ଦେଇଛି। ଉକ୍ତ ଅର୍ଥ ମଞ୍ଜୁର ହେବାରେ ବିଳମ୍ବ ହେଉଛି। ଅନ୍ୟପକ୍ଷରେ କୋଠା ଚାରିପାଖେ ମାଡ଼ିଥିବା ଲଟାବୁଦା ସଫା କରାଯିବା ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି।

## ଚୋରି ଅଭିଯୋଗ ସୁଧାରଗୃହ ଗଲେ ୩ ନାବାଳକ

**ଫିରିଙ୍ଗିଆ, ୨୬।୯**

ଗୋଚ୍ଛାପଡା ବଜାରର ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ସମ୍ପୃକ୍ତ ୩ ନାବାଳକ ଧରାପଡିଛନ୍ତି। ଗୋଚ୍ଛାପଡା ଥାନା ପୋଲିସ ସେମାନଙ୍କୁ ଧରିବା ପରେ ବ୍ରହ୍ମପୁରସ୍ଥିତ ବାଳ ସୁଧାର ଗୃହକୁ ପଠାଇଛି। ପ୍ରକାଶ ଯେ, ଗୋଚ୍ଛାପଡ଼ା ବଜାରରେ ଥିବା ଲକ୍ଷ୍ମୀ ସାହୁଙ୍କ ମୋବାଇଲ ଦୋକାନରୁ ଗତ ୧୪ ତାରିଖ ରାତିରେ ୪ ମୋବାଇଲ, ୧୦ ହଜାର ଟଙ୍କା, ସୁନା ଚେନ ଆଦି ଚୋରି ହୋଇଥିଲା। ଏ ନେଇ ଥାନାରେ ଲକ୍ଷ୍ମୀ ଅଭିଯୋଗ କରିଥିଲେ। ପୋଲିସ ନଂ.୫୪/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସମ୍ପୃକ୍ତ ନାବାଳଙ୍କୁ ଧରିବା ପରେ ସେମାନେ ଚୋରି କରିଥିବା ମାନିଥିଲେ। ସେମାନଙ୍କ ପାଖରୁ ମୋବାଇଲ ଓ ଅନ୍ୟାନ୍ୟ ଚୋରି ଜିନିଷ ଉଦ୍ଧାର କରାଯାଇଛି।

## ଟ୍ରାଇବାଲ ଡାଇସସ୍‌ର ପ୍ରତିଷ୍ଠା ଦିବସ ପାଳିତ

**ଦାରିଙ୍ଗବାଡ଼ି, ୨୬।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଟ୍ରାଇବାଲ ଡାଇସସ୍ (ଜନଜାତି ଧର୍ମାଞ୍ଚଳ, କନ୍ଧମାଳର ଦାରିଙ୍ଗବାଡ଼ି ଶାଖା)ର ପ୍ରତିଷ୍ଠା ଦିବସ ଗୁରୁବାର ସାରିଙ୍ଗିଇର୍ପିଠାରେ ପାଳନ କରାଯାଇଛି। ଏହି ଅବସରରେ ଧର୍ମାଞ୍ଚଳର ସମସ୍ତ ସଦସ୍ୟଙ୍କ ପରିବାରର ଉନ୍ନତି ପାଇଁ ସାମୂହିକ ପ୍ରାର୍ଥନା ସହ ବାଇବେଲ୍ ପଠନ ଆଦି କରାଯାଇଥିଲା। ଧର୍ମାଞ୍ଚଳର ବିକାଶ ପାଇଁ ସମସ୍ତ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଆଲୋଚନା କରିବା ସହ ଆଗାମୀଦିନରେ ଅଞ୍ଚଳରେ ବଡ଼ ଧରଣର କାର୍ଯ୍ୟକ୍ରମ କରିବାକୁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମାଞ୍ଚଳର ବିଶପ ବାଞ୍ଛାନିଧି ନାୟକ, ଉପସଭାପତି ଏସ୍ପ ପ୍ରଧାନ, ସହସମ୍ପାଦକ ରମେଶ ପ୍ରଧାନ, ନାଗେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ଧୀରେନ ପ୍ରଧାନ, ପାଳକ ଦୁର୍ବାସା ମଲ୍ଲିକ, ଗଣେଶ ପ୍ରଧାନ, ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମାଞ୍ଚଳର ଦାରିଙ୍ଗବାଡ଼ି ସମେତ ଦାସିଂବାଡ଼ି, କେର୍କେବାଡ଼ି, କାଟିଙ୍ଗିଆ, ମାଣ୍ଡିପଙ୍କା, ପାକାଲମାହା ଆଦି ଅଞ୍ଚଳର ପାଳକଙ୍କ ସମେତ ସଦଶ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଟ୍ରାଇବାଲ ଡାଇସସ୍ ସଦସ୍ୟ ଓ କର୍ମକର୍ତ୍ତା।

## ଜିଲା ଫୁଟବଲ୍ ଲିଗ୍
## ମାଷ୍ଟରପଡ଼ା ଟିମ୍ ଚାମ୍ପିୟନ

**ଫୁଲବାଣୀ ଅଫିସ, ୨୬।୯**

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲା ଫୁଟ୍‌ବଲ ଲିଗ୍ ଚାମ୍ପିୟନଶିପ୍ ଗୁରୁବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ମାଷ୍ଟରପଡାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଟିମ୍ ବିପକ୍ଷ ଏଜେଓ ହାଇସ୍କୁଲକୁ ୧-୦ଗୋଲରେ ହରାଇ ଚାମ୍ପିୟନ ହୋଇଛି। ରେଫରି ଭାବେ ଶ୍ୟାମ ସୁନ୍ଦର ସାହା, ସତ୍ୟନାରାୟଣ ମୁଖି ଓ ସରୋଜ କୁମାର ମୁନି ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଏସ୍‌ପି ପ୍ରତୀକ ସିଂ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲିଗ୍ ଅନୁଷ୍ଠିତ ହୋଇଥିଲା। ମୋଟ ୧୨ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଟିମ୍ ରାଜ୍ୟସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟରେ ଭାଗ ନେବ।



ଚାମ୍ପିୟନ ଦଳ ସହ ଅତିଥି।

## ଇତିହାସ ବିଭାଗର ଆଲୋଚନାଚକ୍ର

**ଶଙ୍କରାଖୋଲ,୨୬।୯(ଡି.ଏନ୍.ଏ.)**

ଚକାପାଦ ବ୍ଲକ ଲାଇନପଡାଠାରେ ଥିବା କେଆଇଜିଏମ୍ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ଇତିହାସ ବିଭାଗ ଆଲୋଚନା ଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଯୁକ୍ତ୩ ଅଧକ୍ଷ ମହେନ୍ଦ୍ର କୁମାର ସାମନ୍ତରାଏ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷ ଡ. ତ୍ରୈଲୋକ୍ୟ ନାଥ ସେନାପତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁବାସ ଚନ୍ଦ୍ର ମଲିକ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରଞ୍ଜନ କୁମାର ରଥ ଓ ରାମଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ୟୁରୋପ ମହାଦେଶର ଭୌଗଳିକ ଜଳପଥ ଆବିଷ୍କାର, ବିଶ୍ୱ ଇତିହାସକୁ ନୀଳ ନଦୀର ଦାନ ଓ ଫରାସୀ ରାଷ୍ଟ୍ର ବିପ୍ଳବ ଉପରେ ଛାତ୍ରୀ ସୁବ୍ରତ ପ୍ରିୟଦର୍ଶିନୀ ସାହୁ, ଶ୍ୱେତଲିନା ସାହୁ ଓ ଛାତ୍ର ପୂର୍ଣ୍ଣଚନ୍ଦ୍ର ଦିଗାଳ ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଇତିହାସ ବିଭାଗ ଅଧ୍ୟାପକ ବି. ସନ୍ତୋଷ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

## ମହିଳା ଜୀବିକା ସୁରକ୍ଷା ମଞ୍ଚର ବିକ୍ଷୋଭ

**ଫିରିଙ୍ଗିଆ, ୨୬।୯**

ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ଦାବିରେ ଫିରିଙ୍ଗିଆ ମହିଳା ଜୀବୀକା ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ତହସିଲ କାର୍ଯ୍ୟାଳୟ ଫାଟକ ପାଖରେ ଧାରଣା ଦିଆଯାଇଛି। ପରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ମହିଳା ସୁରକ୍ଷା ମଞ୍ଚ ବ୍ଲକରେ ୪ ବର୍ଷ ହେଲା କାମ କରିଆସୁଛି। ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ନିମନ୍ତେ ବର୍ଷକ ମଧ୍ୟରେ ୨ ଥର ପଦଯାତ୍ରା ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଭୂମିହୀନଙ୍କୁ ୪ ଡେସିମିଲ ଜାଗା ପଟ୍ଟା ପେସା ଆଇନ ଅନୁସାରେ ପ୍ରଦାନ କରିବାକୁ ଜୀବୀକା ସୁରକ୍ଷା ମଞ୍ଚ ଦାବି କରୁଛି। ଯଦି ମାସକ ମଧ୍ୟରେ ହିତାଧିକାରୀଙ୍କୁ ଏହା ପ୍ରଦାନ କରା ଯାଏ ତାହାଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମଞ୍ଚର ସଭାନେତ୍ରୀ ଗୀତା ଦିଗାଳ, ସମ୍ପାଦିକା ସାବିତ୍ରୀ ଦିଗାଳ, ସଦସ୍ୟ ନର୍ମଦା ଦିଗାଳ, କୁସୁମ ଦିଗାଳ, ସୁଭଦ୍ରା ଦିଗାଳ ପ୍ରମୁଖ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୫ ପଞ୍ଚାତୟତର ମହିଳାମାନେ ସାମିଲ ହୋଇଥିଲେ।



ତହସିଲଦାରଙ୍କ ସହ ମହିଳାମାନେ ଆଲୋଚନା କରୁଛନ୍ତି।

## ନଡ଼ିଆଗଛରୁ ପଡ଼ି ଜଣେ ମୃତ

**ଭଞ୍ଜନଗର,୨୬।୯(ଡି.ଏନ୍.ଏ.)**

ଭଞ୍ଜନଗର ଥାନା ଅଞ୍ଚଳର ଗୁରୁବାର ଜଣେ ବୃଦ୍ଧ ନଡିଆ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଭେରଡାର ସୁବାସ ପରିଡା(୬୦)। ଭଞ୍ଜନଗର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ମେଡିକାଲକୁ ପଠାଇଛି। ପ୍ରକାଶ ଯେ, ସୁବାସ ଅପରାହ୍ନ ୫ଟାବେଳେ ନଡିଆ ତୋଳିବାକୁ ଗଛକୁ ଚଢିଥିଲେ। ଅଧାରୁ ଗୋଡ ଖସିଯିବାରୁ ପଡି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ସ୍ୱତନ୍ତ୍ର ସଚିବ

**ରାଇକିଆ,୨୬।୯(ଡ଼ି.ଏନ.ଏ)**

ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ସଚିବ ନିରୂପମା ମଲିକ ଗୁରୁବାର ରାଇକିଆ ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଦଡ଼ିଙ୍ଗିଆରେ ୧୭୧ ମିଶନ ଅଧୀନରେ ହୋଇଥିବା କେତେକ ପ୍ରକଳ୍ପ, ବୁଦ୍ରିଙ୍ଗିଆଠାରେ ରାସ୍ତାକାମ, ବେରେଡ଼ାକିଆ ପଞ୍ଚାୟତ କାର୍ଯ୍ୟାଳୟର ନିର୍ମାଣଧୀନ କୋଠା, ରାଇକିଆ କଲ୍ୟାଣ ମଣ୍ଡପ, ପାନୀୟ ଜଳ ପ୍ରକଳ୍ପ ବୁଲିଥିଲେ। ଏଥିସହ ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲରେ ସମସ୍ତ ଅଧିକାରୀମାନଙ୍କ ଉପସ୍ଥିତିରେ ସମୀକ୍ଷା ମଧ୍ୟ କରିଥିଲେ। ପ୍ରକଳ୍ପ ଅଗ୍ରଗତିକୁ ନେଇ ସନ୍ତୋଷ ପ୍ରକାଶ କରିବା ସହ ରାଇକିଆ ସହର ପାଇଁ ଦୀର୍ଘମିଆଦୀ ଯୋଜନା ସ୍ୱରୂପ ଏକ ପାନୀୟ ଜଳପ୍ରକଳ୍ପ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ଗୁରୁତ୍ୱ ଦେବା ଉପରେ କହିଥିଲେ। ସ୍ୱତନ୍ତ୍ର ସଚିବଙ୍କ ଗସ୍ତ ସମୟରେ ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ପ୍ରକଳ୍ପ ବୁଲି ଦେଖୁଛନ୍ତି ସ୍ୱତନ୍ତ୍ର ସଚିବ।

## ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳିତ

**ଜି.ଉଦୟଗିରି,୨୬।୯(ଡି.ଏନ.ଏ.)**

ଜି.ଉଦୟଗିରିସ୍ଥିତ ଦିବ୍ୟ ଜୀବନ ସଂଘ ଶାଖା ତରଫରୁ ଗୁରୁବାର ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୩ତମ ଜୟନ୍ତୀ ଉତ୍ସବ ଶାଖା କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ଭଜନ ଓ ନାରାୟଣ ସେବା କରାଯାଇଥିଲା। ଜୟନ୍ତି ଉପଲକ୍ଷେ ସଦସ୍ୟା ସଦସ୍ୟମାନେ ସ୍ଥାନୀୟ ହସ୍ପିଟାଲକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ଅଦ୍ୱୈତ ପ୍ରସାଦ ମହାନ୍ତି, ଡ଼. ପ୍ରଶନ୍ନ କୁମାର ତ୍ରିପାଠୀ, ଭିମସେନ ପାତ୍ର, ଅନ୍ତର୍ଯ୍ୟାମୀ ପ୍ରଧାନ, ବିଭୁତି ଭୂଷଣ ଆଚାର୍ଯ୍ୟଙ୍କ ସମେତ ଶାଖାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଜେଡି ବୈଠକ, ସଭ୍ୟ ସଂଗ୍ରହ ଅଭିଯାନ

**ଦାରିଙ୍ଗବାଡ଼ି,୨୬।୯(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ମିଶ୍ର କଲ୍ୟାଣ ମଣ୍ଡପଠାରେ ଗୁରୁବାର ବିଜେଡି ପକ୍ଷରୁ ସଭ୍ୟସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ବିଧାୟକ ସାଲୁଗା ପ୍ରଧାନଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଏହି ଅବସରରେ ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ବିଜେଡି ବ୍ଲକ ସଭାପତି ଦିଲୀପ କୁମାର ପ୍ରଧାନ ସଭାପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ, କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କ ବ୍ଲକ ପ୍ରତିନିଧି କ୍ଷେତ୍ରୀବଳ ନାୟକ, ବହୁମୁଖୀ ସମବାୟ ସମିତିର ଅଧକ୍ଷ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନ, ବିଜେଡି ସମ୍ପାଦକ ଅଜୟ ପ୍ରଧାନ, ଯୁବନେତା ଦୀପକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ସାଲୁଗା ପ୍ରଧାନ ତାଙ୍କ ବକ୍ତବ୍ୟରେ ସମସ୍ତ ବିଜେଡି କର୍ମୀଙ୍କୁ ସ୍ୱାଗତ କରିବା ସହ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ମୋଟ ୮୩୦ ୱାର୍ଡ଼ ରହିଛି, କେବଳ ଦାରିଙ୍ଗବାଡ଼ିରେ ୩୪୭ ୱାର୍ଡ଼ ରହିଛି। ପ୍ରତ୍ୟେକ ୱାର୍ଡ଼ରେ ୪ଜଣ ସକ୍ରିୟ ସଭ୍ୟ ସେମାନଙ୍କ ମଧ୍ୟରେ ଜଣେ ମହିଳା ଏବଂ ଜଣେ ଯୁବ ବ୍ୟକ୍ତି ନିଶ୍ଚିତ ରଖାଯିବା ପାଇଁ କୁହାଯାଇଥିଲା। ସେହିପରି ନିର୍ବାଚନ ମଣ୍ଡଳୀରେ ୩୩ ହଜାର ପ୍ରାଥମିକ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିବା ଏବଂ ଏହାକୁ ପୂରଣ କରିବା ପାଇଁ ସମସ୍ତ କର୍ମୀ ସହଯୋଗ କରିବାକୁ ବିଧାୟକ କହିଥିଲେ। ସରକାରଙ୍କ ଆବାସ ଯୋଜନା ସହ ଟଙ୍କିକିଆ ଚାଉଳ, ମାଗଣା ସ୍ୱାସ୍ଥ୍ୟସେବା ସହ ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପ ସମ୍ପର୍କରେ ବିଧାୟକ ପ୍ରଧାନ ଲୋକଙ୍କୁ ସୂଚନା ଦେଇଥିଲେ।



ବିଧାୟକ ସାଲୁଗା ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

# ରାଷ୍ଟ୍ରୀୟ ଏକତା ଜନଜାଗରଣ ଅଭିଯାନ କର୍ମଶାଳା

**ଫୁଲବାଣୀ ଅଫିସ, ୨୬।୯**

ଫୁଲବାଣୀରେ ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଏକତା ଜନଜାଗରଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଧାରା ୩୭୦ ଉଚ୍ଛେଦ ଉପରେ ଆଲୋଚନା କରାଯାଇଥିଲା। ଏହି ଧାରା ଉଚ୍ଛେଦ କରାଯିବା ଦ୍ୱାରା ପୂର୍ବରୁ ହୋଇଥିବା ଭୁଲରେ ସୁଧାର ଆସିଛି। ୧୯୫୨ରୁ ପ୍ରଚଳିତ ହୋଇ ଆସୁଥିବା ଏହି ଧାରା ଦେଶବାସୀଙ୍କ ପାଇଁ ଏକ କଳଙ୍କିତ ଅଧ୍ୟାୟ ଥିଲା। କେତେକ ପରିବାର ତଥା ନିଜ ସ୍ୱାର୍ଥ ପାଇଁ ଏହା ଉଦ୍ଦିଷ୍ଟ ଥିଲା। ଏହି ଧାରା ଉଚ୍ଛେଦକୁ ଦେଶର ସମସ୍ତ ବର୍ଗର ଲୋକେ ସ୍ୱାଗତ କରିଛନ୍ତି। କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଏହା ଆଗରୁ ରହିଛି ଏବଂ ରହିବ। ଆଗାମୀ ଦିନରେ ସରକାର ସୁନ୍ଦର କଶ୍ମୀର ଗଠନ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରଛନ୍ତି। ମୁଖ୍ୟଅତିଥି ଭାବେ କନକବର୍ଦ୍ଧନ ସିଂଦେଓ, ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ଶ୍ରୀକାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ଲିଙ୍ଗରାଜ ଦଳବେହେରା, ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ର ନାଥ ମିଶ୍ର, ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ଦେବନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଭାଜପା ନେତା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୧୯ Berhampur, Friday, September 27/ 2019


# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର

## ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

ପାତ୍ରପୁର,୨୬।୯(ଡି.ଏନ୍.ଏ.)

ଚିକିଟି ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଗୁରୁବାର ପାତ୍ରପୁର ବ୍ଲକ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆବାସ ଓ ବିଭିନ୍ନ ଭତ୍ତା ଯୋଜନାରେ ହୋଇଥିବା ଦୁର୍ନୀତି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବହୁ ଭାଜପା କର୍ମୀ ପାତ୍ରପୁର ତଳ ବସଷ୍ଟାଣ୍ଡଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରି ବ୍ଲକରେ ପହଞ୍ଚିବାସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିକ୍ଷୋଭ ଚାଲିଥିଲେ ମଧ୍ୟ ବ୍ଲକର କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ତୁରନ୍ତ ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପୁଣି ଠିକ୍ ଭାବେ ତାଲିକା ପ୍ରସ୍ତୁତ କରି ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ସାମିଲ କରି ଅଯୋଗ୍ୟଙ୍କୁ ବାଦ୍‌ଦେବାକୁ ଦାବି ହୋଇଥିଲା। ସନ୍ଧ୍ୟାରେ ଜିଲାପାଳଙ୍କ ସମୀକ୍ଷା ବୈଠକରୁ ଫେରି ବିଡ଼ିଓ ପହଞ୍ଚିବା ପରେ ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା, ମଣ୍ଡଳ ସଭାପତି ତ୍ରିନାଥ ମିଶ୍ର, ଚିକିଟି ନିର୍ବାଚନମଣ୍ଡଳୀ ଯୁବ ମୋର୍ଚ୍ଚା ସଭାପତି ପ୍ରିୟରଞ୍ଜନ ବେହେରା, ଗୁଡ଼ିପଦର ସରପଞ୍ଚ ୱାଇ. ମୋହନରାଓ, ଜୟନ୍ତିପୁର ପୂର୍ବତନ ସରପଞ୍ଚ ଆଇ. ବାଲକ୍ରିଷ୍ଣା, ସରୋଜ ପଣ୍ଡା, ତୁମ୍ବା ପୂର୍ବତନ ସରପଞ୍ଚ ଧନୁ ଶବର, ଅଜିତ ପ୍ରଧାନ, ଲଳିତା ବଡ଼ମୁଣ୍ଡି ପ୍ରମୁଖଙ୍କ ସହ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ଚୋରି ବ୍ୟାଟେରି ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୬।୯(ଡି.ଏନ.ଏ.)

ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ନିକଟ ମୁଖ୍ୟ ରାସ୍ତା କଡ଼ରେ ଥିବା ଈଶ୍ୱର ନାମକ ଘରୋଇ ମିନିବସରୁ ରବିବାର ବିଳମ୍ବିତ ରାତିରେ ବ୍ୟାଟେରି ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତ ପାଟପୁର ଥାନା କଂସାମାରି ଗ୍ରାମ ପନ୍ଦରା ସାହିର ଏସ.ଟୁନା ଦୋରାଙ୍କୁ ଗିରଫ କରିଛି। ମାମଲା ନଂ.୧୯୨/୧୯ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସନ୍ଧ୍ୟାରେ ଟୁନାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ବ୍ୟାଟେରି ଚୋରି ସମ୍ପର୍କରେ ସୋମବାର ମିନିବସ୍ ଚାଳକ ରବି ନାୟକ ଗାଡି ମାଲିକ ଅଳକନାଥ ମିଶ୍ରଙ୍କୁ ଜଣାଇଥିଲେ। ସେ ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରାପ୍ତ ସୂଚନାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ଟୁନାଙ୍କ ଘରେ ଚଢ଼ାଉ କରି ବ୍ୟାଟେରି ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

# ଦୁର୍ଘଟଣାରେ ୨ ମହିଳା ମୃତ

ଛତ୍ରପୁର,୨୬।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଜଗନ୍ନାଥପୁର ଛକଠାରେ ଗୁରୁବାର ସଡ଼କ ଦୁର୍ଘଟଣାରେ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବ୍ରହ୍ମପୁର ବୈକୁଣ୍ଠନଗରର ବି. ବିଶ୍ୱନାଥ ସୁବୁଦ୍ଧିଙ୍କ ସ୍ତ୍ରୀ ବି. ମୀରା ସୁବୁଦ୍ଧି ଓ ଆମ୍ବପୁଆର ସ୍ୱାତୀ କୁମାରୀ ପଟ୍ଟନାୟକ। ଦୁର୍ଘଟଣାରେ ବିଶ୍ୱନାଥ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରରୁ ବିଶ୍ୱନାଥ ଓ ତାଙ୍କ ସ୍ତ୍ରୀ ମୀରା କାର (ନଂ.ଓଆର୧୯ଇ-୯୭୯୨) ଯୋଗେ ବ୍ରହ୍ମପୁର ଫେରୁଥିଲେ। ଅପରାହ୍ନରେ ଚମାଖଣ୍ଡି ଥାନା ଅଧୀନ ଜଗନ୍ନାଥପୁର ଛକଠାରେ ଚାଲିଚାଲି ଯାଉଥିବା ସ୍ୱାତୀଙ୍କୁ ବିଶ୍ୱନାଥଙ୍କ କାର୍ ଧକ୍କା ଦେଇ ନିକଟରେ ଅଟକି ରହିଥିବା ଏକ ଡମ୍ପରରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ମୀରା ଓ ସ୍ୱାତୀଙ୍କ ମୃତ୍ୟୁ ଘଟିଥିଲା। ଆହତ ବିଶ୍ୱନାଥଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୬/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଆଇଆଇସି ସହଦେବ ମହାପାତ୍ର ସୂଚନା ଦେଇଛନ୍ତି।

# ଦୁଇ ବିଭାଗରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବୁଗୁଡ଼ା,୨୬।୯(ଡି.ଏନ.ଏ.)

ବୁଗୁଡ଼ା ପିପୁଲସ୍ କଲେଜର ଇତିହାସ (ସମ୍ମାନ) ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଓ ବୁଧବାର ନବାଗତ ଛାତ୍ରୀଛାତ୍ରଙ୍କୁ ପୃଥକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ହିମାଂଶୁ ଶେଖର ରଥ, ସଞ୍ଜୟ କୁମାର ସାହୁ, ଅକ୍ଷୟ କୁମାର ସାହୁ, ପ୍ରଦୀପ କୁମାର ଦାଶ, ରବି ପଲାଇ, କିଶୋର ଚନ୍ଦ୍ର ପଣ୍ଡା, କ୍ରିଷ୍ଣାରାଓ ପାତ୍ର, ରାମକୃଷ୍ଣ ସ୍ୱାଇଁ ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ଉତ୍ତମ ରୂପେ ଅଧ୍ୟୟନ କରି ସତ୍‌ପଥରେ ଯିବା ପାଇଁ ନୂତନ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ବିଭାଗର ବରିଷ୍ଠ ଛାତ୍ରୀଛାତ୍ରମାନେ ନବାଗତଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ପିଏଚଡ଼ି ଲାଭ କରିଥିବା ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ମଙ୍ଗଳବାର ଇତିହାସ ବିଭାଗ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଉଦଘାଟନ କରିବା ସହ ସେଥିରେ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରଦୀପ କୁମାର ଦାଶ, ଅଧ୍ୟାପକ ରବୀନ୍ଦ୍ର ପଲାଇ ଓ ରଶ୍ମିତା ପଟ୍ଟନାୟକ, ସୁଦର୍ଶନ ସ୍ୱାଇଁ, ହିମାଂଶୁ ଶେଖର ରଥ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ହୋଇ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଇତିହାସ ସମ୍ମାନ ବିଭାଗର ବରିଷ୍ଠ ଛାତ୍ରୀଛାତ୍ର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

# ନବରାତ୍ର ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି

ଦିଗପହଣ୍ଡି,୨୬।୯(ଡି.ଏନ.ଏ.)

ଦିଗପହଣ୍ଡି ପୁଞ୍ଜିକୟାଁ ଛକ ମା' ସିଂହବାହିନୀ ଦୁର୍ଗାପୂଜା କମିଟି ପକ୍ଷରୁ ନବରାତ୍ର ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପୂଜା ମଣ୍ଡପ, ତୋରଣ ନିର୍ମାଣ, ସାଜସଜ୍ଜା ଏବଂ ମେଢ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆଶ୍ୱିନ ଶୁକ୍ଳ ପ୍ରତିପଦା ଅର୍ଥାତ୍ ଆସନ୍ତା ୨୯ ତାରିଖରେ ବିଲ୍ୱବରଣ, ଗଙ୍ଗା ଆବାହନ, ନେତ୍ରୋତ୍ସବ, ପ୍ରାଣ ପ୍ରତିଷ୍ଠା, ଅଧିବାସ ପରେ ନବରାତ୍ର ପୂଜାରମ୍ଭ ହେବ। ପ୍ରତ୍ୟେକ ଦିନ ପୂଜା ମଣ୍ଡପରେ ମା'ଙ୍କ ମହାସ୍ନାନ, ମହାପୂଜା, ସହସ୍ରାର୍ଚ୍ଚନ, ସନ୍ଧ୍ୟାଆଳତି, ଚଣ୍ଡୀପାଠ, ହୋମ ଆଦି ବିଧି ମୁତାବକ କରାଯିବ। ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ଏହି ଦୁର୍ଗାପୂଜା ଚଳିତବର୍ଷ ୨୭ ବର୍ଷରେ ପଦାର୍ପଣ କରିବ। ଶିଳ୍ପୀ ବିଦ୍ୟାଧର ପାଣିଗ୍ରାହୀ ପ୍ରତିବର୍ଷ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରସ୍ତୁତୀ କରି ଆସୁଛନ୍ତି। ପୁଞ୍ଜିକୟାଁ ଚାରିଛକ ପୂଜା ମଣ୍ଡପରେ ମେଢ ସ୍ଥାପନ କରାଯାଇ ପୂଜା କରାଯାଉଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମି ରହୁଥିବା ପରିଲକ୍ଷିତ ହୋଇଥାଏ। ଚଳିତବର୍ଷ ସ୍ୱତନ୍ତ୍ର ଭାବେ ଆକର୍ଷଣୀୟ ସାଜସଜ୍ଜା କରାଯିବାକୁ ଥିବା ବେଳେ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି।

# ଜାତୀୟ ସେବା ସଂସ୍ଥା ବୈଠକ

ଆସିକା,୨୬।୯(ଡି.ଏନ୍.ଏ.)

ଆସିକାସ୍ଥିତ ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଗୁରୁବାର ଏକ ବୈଠକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ସେବା ସଂସ୍ଥାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ସମାଜସେବା ନିମନ୍ତେ ଏନ୍‌ଏସଏସ ସ୍ୱେଚ୍ଛାସେବୀମାନେ ଯତ୍ନବାନ ହେବା ଲାଗି ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନାତନ ପଣ୍ଡା, ମନୋରଞ୍ଜନ ସାହୁ, କବିତା କୁମାରୀ ଦାସ, ଶିଶିର କୁମାର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସେବା ସଂସ୍ଥାର ସଂଯୋଜକ ବାବାନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗଣ୍ଡଗୋଳ ମାମଲାରେ ୪ ଗିରଫ

ବୁଗୁଡ଼ା,୨୬।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ତାମ୍ଭିରି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ମାମଲାରେ ବୁଗୁଡ଼ା ପୋଲିସ ଗୁରୁବାର ଦୁଇ ପରିବାରର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ୪ ଜଣ ହେଲେ ତାମ୍ଭିରି ଗ୍ରାମର ଗୋଟିଏ ପରିବାରର ସ୍ୱାମୀ ସ୍ତ୍ରୀ ମୁନା ନାୟକ ଓ ଅନୀତା ନାୟକ ଏବଂ ଅନ୍ୟ ପରିବାରର ସ୍ୱାମୀ ସ୍ତ୍ରୀ କମ୍ପାନୀ ନାୟକ ଓ ସଞ୍ଜୁ ନାୟକ । ଏନେଇ ବୁଗୁଡ଼ା ଥାନାରେ ନଂ.୨୦୨/୧୯ ଓ ୨୦୩/୧୯ରେ ୨ଟି ପୃଥକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ତାମ୍ଭିରି ଗ୍ରାମରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ବୁଧବାର ପାଟିତୁଣ୍ଡ ହୋଇଥିଲା। ଫଳରେ ଉଭୟ ପରିବାର ପକ୍ଷରୁ ପୃଥକ ଭାବେ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ